# ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims

RNI Regd. No. :ODIMUL/2023/89182 https://voiceofvictimsepaper.in Weekly Multilingual Rs - 5.00

ଭାଗ: ୩, ସଂଖ୍ୟା: ୪୩, ଭୁବନେଶ୍ୱର, ସେପ୍ଟେମ୍ବର ୧୪ - ସେପ୍ଟେମ୍ବର ୨୦, ୨୦୨୬, Vol: 3, Issue: 43, Bhubaneswar, Sept. 14 - Sept. 20, 2026 Pages- 8



ପୃଷ୍ଠା ୪ ସମ୍ପାଦକୀୟ : ଆସନ୍ତୁ, ବଙ୍ଗା କହିବା

ପୃଷ୍ଠା ୮ FROM DOUBTS TO ACQUITTAL...


# ଗଣେଶ ପୂଜା : ସେଦିନର ଓ ଆଜିର

## ବଦଳିଛି ପୂଜାର ରୂପ, ବଦଳିଛି ଉତ୍ସବର ରଙ୍ଗ; ହେଲେ ବଦଳିଛି କି ଭକ୍ତି ?

**ଅର୍ପିତା ମିଶ୍ର**

ଗଣେଶ ପୂଜା ଆସିଲେ ଦିନେ ଗାଁଠୁ ସହର, ଘରଠୁ ସ୍କୁଲ, ସବୁଠି ଏକ ଅଲଗା ଉତ୍ସାହ ଦେଖା ଯାଉଥିଲା। ଭାଦ୍ରବ ମାସର ଆକାଶରେ ମେଘ, ସକାଳର ଥଣ୍ଡା ପବନ ଆଉ ଗାଁ ଦାଣ୍ଡରେ ଗଣେଶଙ୍କ ମୂର୍ତ୍ତି, ଏସବୁ ମିଶି ଗଢ଼ି ଉଠୁଥିଲା ଏକ ନିଆରା ପର୍ବର ପରିବେଶ। ଦିନେ ଗଣେଶ ପୂଜା ମାନେ ଥିଲା ଏକ ଅପେକ୍ଷା। ମୂର୍ତ୍ତି କେବେ ଆସିବ ? ମଣ୍ଡପ କେବେ ସଜା ହେବ ? ପୂଜା ପାଇଁ ଫୁଲ କିଏ ଆଣିବ ? ଭୋଗ କ'ଣ ହେବ ? ସ୍କୁଲରେ ଭୋଜି କେବେ ହେବ ? ଏମିତି ଛୋଟ ଛୋଟ ପ୍ରଶ୍ନରେ ପିଲାଙ୍କ ମନ ଭରି ରହୁଥିଲା। ଏବେ ବି ଗଣେଶ ପୂଜା ହେଉଛି। ଆଜି ବି ଆଲୋକ ଜଳୁଛି, ଧୂପ ଜଳୁଛି, ମନ୍ତ୍ର ଉଚ୍ଚାରଣ ହେଉଛି, ଭକ୍ତମାନେ ଆସୁଛନ୍ତି। କିନ୍ତୁ ଏହାର ଚେହେରା ବଦଳିଛି। ଛୋଟ ମଣ୍ଡପର ସ୍ଥାନରେ ଆସିଛି ବଡ଼ ପେଣ୍ଡାଲ। ହାତରେ ତିଆରି ସାଜସଜ୍ଜାର ସ୍ଥାନରେ ଆସିଛି ଆଧୁନିକ ଡିଜାଇନ୍। ଦୀପ ସହ ଯୋଡ଼ି ହୋଇଛି ହଜାର ହଜାର ଏଲ୍ଇଡି ଲାଇଟ୍। ଆଉ ମୁହଁରେ ଥିବା ସ୍ମୃତିର ସ୍ଥାନରେ ଏବେ ମୋବାଇଲ୍ କ୍ୟାମେରା ଧରି ରଖିଛି ପ୍ରତ୍ୟେକ ମୁହୂର୍ତ୍ତ।





କିନ୍ତୁ ସେଦିନର ପ୍ରସ୍ତୁତିରେ ଥିଲା ଆପଣାପଣିଆ । ସେ ସମୟରେ ଗଣେଶ ପୂଜାର ପ୍ରସ୍ତୁତି ଥିଲା ଭାରି ନିଆରା। ପୂର୍ବଦିନ ମୂର୍ତ୍ତି କିଣି ଆଣିବା, ଘର ଅଗଣା କିମ୍ବା ସ୍କୁଲର ଗୋଟିଏ କୋଣକୁ ସଫା କରିବା, ଛୋଟ ମଣ୍ଡପ ସଜାଇବା, ଏସବୁରେ ଥିଲା ନିଜ ହାତର ଛୁଆଁ। ରାତି ଅଧରୁ ଫୁଲ ତୋଳିବା ପାଇଁ ପିଲାମାନେ ବାହାରି ପଡୁଥିଲେ। କାହା ଘର ବାଡ଼ିରେ ଗେଣ୍ଡୁ, କାହା ଅଗଣାରେ ଅପରାଜିତା, ଆଉ କାହା ବାଡ଼ିରେ ଜବା। ଯେଉଁଠାରୁ ଫୁଲ ମିଳିଲା, ସେଇଠାରୁ ନେଇ ଆସି ପୂଜାରେ ଲଗାଇବାର ଆନନ୍ଦ ଥିଲା ଅଲଗା। ପୂଜା ଦିନ ସକାଳୁ ଘରେ ଘରେ ଧୂପର ବାସ୍ନା, ଘଣ୍ଟିର ଶବ୍ଦ ଆଉ "ଗଣପତି ବାପ୍ପା"ର ଧ୍ୱନି ଶୁଣିବାକୁ ମିଳୁଥିଲା। ପୁରୁଣା ଦିନର ଗଣେଶ ପୂଜାକୁ ମନେ ପକାଇଲେ ମନେପଡ଼େ ଛୋଟ ଛୋଟ ମଣ୍ଡପ। କେଉଁଠି ବାଉଁଶର ଖୁଣ୍ଟି, କେଉଁଠି ରଙ୍ଗିନ କାଗଜ, କେଉଁଠି କପଡ଼ାର ଛାତ। ମୂର୍ତ୍ତିଟି ହୁଏତ ବଡ଼ ନଥିଲା। କିନ୍ତୁ ତାଙ୍କ ସାମ୍ନାରେ ବସିଥିବା ଲୋକଙ୍କ ମନରେ ଥିଲା ଅସୀମ ଭକ୍ତି। ଆଜି ମଣ୍ଡପ ବଡ଼ ହୋଇଛି। କେଉଁଠି ରାଜପ୍ରାସାଦର ନକଲ, କେଉଁଠି ଐତିହାସିକ ସ୍ଥାପତ୍ୟ, କେଉଁଠି ପୌରାଣିକ କାହାଣୀ, ଆଉ କେଉଁଠି ସାମାଜିକ ବାର୍ତ୍ତା। କଳାକାରମାନେ ନୂଆ ନୂଆ କଳ୍ପନାରେ ପେଣ୍ଡାଲକୁ ଏକ କଳାକୃତିରେ ପରିଣତ କରୁଛନ୍ତି।

> ବକ୍ରତୁଣ୍ଡ ମହାକାୟ,
> ସୂର୍ଯ୍ୟକୋଟି ସମପ୍ରଭଃ ।
> ନିର୍ବିଘ୍ନଂ କୁରୁ ମେ ଦେବ,
> ସର୍ବକାର୍ଯ୍ୟେଷୁ ସର୍ବଦା ॥

ସେ ସମୟରେ ସ୍କୁଲର ଗଣେଶ ପୂଜା, ସ୍ମୃତିର ଏକ ଅଲଗା ଅଧ୍ୟାୟ ଭାବରେ ଗଣା ହେଉଥିଲା। ଗଣେଶ ପୂଜାର ସବୁଠାରୁ ବଡ଼ ସ୍ମୃତି ବୋଧହୁଏ ସ୍କୁଲ। ଗଣେଶଙ୍କୁ ବିଦ୍ୟା ଓ ବୁଦ୍ଧିର ଦେବତା ଭାବେ ପୂଜା କରାଯାଉଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହି ପୂଜାର ଏକ ବିଶେଷ ସ୍ଥାନ ରହିଛି। ସ୍କୁଲରେ ପୂଜା ହେଲେ ତା' ସହ ଥିଲା ଭୋଜି। କେଉଁଠି ଖେଚୁଡ଼ି, କେଉଁଠି ଡାଲମା, କେଉଁଠି ଭାତ-ତରକାରୀ। ପିଲାମାନେ ନିଜ ନିଜ ଘରୁ କିଛି ନା କିଛି ନେଇ ଆସୁଥିଲେ। ରୋଷେଇରେ ବଡ଼ମାନେ, ଆୟୋଜନରେ ପିଲାମାନେ, ସମସ୍ତେ ମିଶି ତିଆରି କରୁଥିଲେ ଏକ ପରିବାର ଭଳି ପରିବେଶ। ହୋମ, ପୋଡ଼ା ନଡ଼ିଆ, ଭୋଗ, ପୁଷ୍ପାଞ୍ଜଳି ଏବଂ ଛୋଟ ପିଲାଙ୍କ ଖଡ଼ି ଛୁଆଁ, ଗଣେଶ ପୂଜା ଖାଲି ଗୋଟିଏ ଦିନର ପୂଜା ନଥିଲା; ଏହା ଥିଲା ଏକ ସାମୂହିକ ସ୍ମୃତି। ସେବେ ଗଣେଶ ମୂର୍ତ୍ତି ଥିଲା ଭକ୍ତିର ପ୍ରତୀକ, ଆଜି ତାହା ଥିମ୍‌ର କେନ୍ଦ୍ର। ସେଦିନର ଗଣେଶ ମୂର୍ତ୍ତି ହୁଏତ ବହୁତ ବଡ଼ ନଥିଲା। ହୁଏତ ମହଙ୍ଗା ସାଜସଜ୍ଜା ନଥିଲା। କିନ୍ତୁ ମୂର୍ତ୍ତି ଆଣିବା ପଛରେ ଥିଲା ଏକ ସରଳ ଭାବନା, "ଘରକୁ ଗଣେଶ ଆସିବେ, ସ୍କୁଲକୁ ଗଣେଶ ଆସିବେ।" ଆଜି ସମୟ ବଦଳିଛି। ମୂର୍ତ୍ତି ଯେତେ ବଡ଼, ପେଣ୍ଡାଲ ଯେତେ ଆକର୍ଷଣୀୟ, ଆଲୋକସଜ୍ଜା ଯେତେ ଚମତ୍କାର, ସେତେ ଅଧିକ ଆଲୋଚନା। କେଉଁଠି ରାଜପ୍ରାସାଦର ଥିମ୍, କେଉଁଠି ଐତିହାସିକ ସ୍ଥାପତ୍ୟ, କେଉଁଠି ସିନେମା କିମ୍ବା ସାମାଜିକ ବାର୍ତ୍ତାକୁ ନେଇ ପେଣ୍ଡାଲ। ତୋରଣ ପ୍ରତିଯୋଗିତା, ମୂର୍ତ୍ତି ପ୍ରତିଯୋଗିତା, ଶ୍ରେଷ୍ଠ ପେଣ୍ଡାଲ, ଶ୍ରେଷ୍ଠ ସାଜସଜ୍ଜା ପ୍ରତିଯୋଗିତା ମଧ୍ୟ ଉତ୍ସବର ଏକ ଅଂଶ ହୋଇଛି। ଏହା ନିଶ୍ଚିତ ଭାବେ ଉତ୍ସବକୁ ଆହୁରି ଆକର୍ଷଣୀୟ କରିଛି। କାରିଗର, ମୂର୍ତ୍ତିଶିଳ୍ପୀ, ଡେକୋରେଟର, ଆଲୋକସଜ୍ଜା କରୁଥିବା ଲୋକଙ୍କ ପାଇଁ ମଧ୍ୟ ଏହା ରୋଜଗାରର ସୁଯୋଗ ସୃଷ୍ଟି କରୁଛି। କିନ୍ତୁ ଏହି ଆଧୁନିକତା ମଧ୍ୟରେ ଗୋଟିଏ ପ୍ରଶ୍ନ ଉଠେ, ଥିମ୍ ବଦଳିବା ସହିତ କେଉଁଠି ଗଣେଶଙ୍କ ମୂଳ ଭାବନା ଆମଠାରୁ ଦୂରେଇ ଯାଉନାହିଁ ତ ? ଗଣେଶ ପୂଜା ଓ ପରିବେଶର ସୁରକ୍ଷା ହେଉଛି ଆଜିର ନୂଆ ଦାୟିତ୍ୱ। ସମୟ ବଦଳିବା ସହିତ ଗଣେଶ ପୂଜାର ଆଉ ଏକ ନୂଆ ଚିନ୍ତା ଆସିଛି, ପରିବେଶ। ମାଟିର ମୂର୍ତ୍ତି, ପ୍ରାକୃତିକ ରଙ୍ଗ, ପରିବେଶ-ବନ୍ଧୁ ସାଜସଜ୍ଜା, ପ୍ଲାଷ୍ଟିକ୍ ବ୍ୟବହାର କମାଇବା, ଏସବୁ ହେଉଛି ଆଜିର ପୂଜାର ନୂଆ ଦାୟିତ୍ୱ। ଗଣେଶଙ୍କୁ ପୂଜା କରି ଯଦି ଆମେ ପ୍ରକୃତିକୁ କ୍ଷତି କରିବା, ତେବେ ସେହି ପୂଜାର ଅର୍ଥ କେଉଁଠି ? ଆଧୁନିକ ଉତ୍ସବର ସବୁଠାରୁ ସୁନ୍ଦର ଦିଗ ହୋଇପାରେ, ପରମ୍ପରାକୁ ରକ୍ଷା କରିବା ସହିତ ପ୍ରକୃତିକୁ ମଧ୍ୟ ରକ୍ଷା କରିବା। ତେଣୁ ପୌରାଣିକତାରୁ ନେଇ ଆଧୁନିକ କଳ୍ପନା ପର୍ଯ୍ୟନ୍ତ ଗଣେଶଙ୍କ ପରିଚୟ ଖାଲି ଏକ ମୂର୍ତ୍ତି ନୁହେଁ। ସେ ବିଘ୍ନହର୍ତ୍ତା, ବୁଦ୍ଧି ଓ ଜ୍ଞାନର ପ୍ରତୀକ। ଗଣେଶ ଚତୁର୍ଥୀ ଭାଦ୍ରବ ଶୁକ୍ଲପକ୍ଷ ଚତୁର୍ଥୀରେ ପାଳିତ ହୁଏ ଏବଂ ଅନେକ ପରମ୍ପରାରେ ତାଙ୍କୁ ଶୁଭାରମ୍ଭ ଓ ବିଘ୍ନ ଦୂର କରିବାର ଦେବତା ଭାବେ ପୂଜା କରାଯାଏ। କିନ୍ତୁ ଆଜିର କିଛି ଥିମ୍‌ରେ ପୌରାଣିକ ଆଧାର ଠାରୁ କଳ୍ପନାର ଭାଗ ଅଧିକ ଦେଖାଯାଉଛି। ଗଣେଶଙ୍କ ପାରମ୍ପରିକ ରୂପକୁ ନୂଆ ନୂଆ ଧାରଣା ସହ ମିଶାଇ ଭିନ୍ନ ରୂପ ଦିଆଯାଉଛି।


*(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)*







## ମୁଖ୍ୟ ସ୍ତମ୍ଭ

# ଲେଖକ ହେବାକୁ ହେଲେ ପ୍ରଥମେ ପାଠକ ହେବାକୁ ପଡ଼ିବ

ଲେଖକ ହେବାକୁ ହେଲେ ପ୍ରଥମେ ପାଠକ ହେବାକୁ ପଡ଼ିବ। ପଢ଼ା ହେଉଛି ଲେଖାର ଭିତ୍ତି, ଚିନ୍ତା ତାହାର ପ୍ରାଣ ଓ ଭାଷା ତାହାର ଅଭିବ୍ୟକ୍ତି। ଲେଖକ ହେବା ଏକ ସହଜ କାମ ନୁହେଁ। କଲମ ଧରି କିଛି ଧାଡ଼ି ଲେଖିଦେବା ଏବଂ ଜଣେ ପ୍ରକୃତ ଲେଖକ ହେବା, ଏ ଦୁଇଟି ଭିନ୍ନ କଥା। ଲେଖକର ଲେଖନୀରେ ଯେଉଁ ଚିନ୍ତା, ଅନୁଭବ, ଭାବନା, ଭାଷା ଓ ଜୀବନବୋଧ ପ୍ରତିଫଳିତ ହୁଏ, ତାହା ପଛରେ ରହିଥାଏ ଦୀର୍ଘ ଅଧ୍ୟୟନ ଓ ନିରନ୍ତର ପାଠାଭ୍ୟାସ। ତେଣୁ ଏକ ଚିରନ୍ତନ ସତ୍ୟ ହେଉଛି, "ଲେଖକ ହେବାକୁ ହେଲେ ପ୍ରଥମେ ପାଠକ ହେବାକୁ ପଡ଼ିବ।" ଜଣେ ଲେଖକ ଗଳ୍ପ ଲେଖିପାରନ୍ତି, କବିତା ଲେଖିପାରନ୍ତି, ନାଟକ, ଏକାଙ୍କିକା, ରମ୍ୟରଚନା, ପ୍ରବନ୍ଧ, ଭ୍ରମଣ କାହାଣୀ, ବିଜ୍ଞାନଭିତ୍ତିକ ଲେଖା, ଖେଳ ସମ୍ବନ୍ଧୀୟ ଆଲେଖ୍ୟ, ସ୍ୱାସ୍ଥ୍ୟ ବିଷୟକ ଲେଖା କିମ୍ବା ସମାଜ ଓ ସମସାମୟିକ ଘଟଣାକୁ ନେଇ ଲେଖା ଲେଖିପାରନ୍ତି। କିନ୍ତୁ ବିଷୟ ଯେଉଁ ହେଉନା କାହିଁକି, ତାହାର ଗଭୀରତାକୁ ବୁଝିବା ପାଇଁ ଜ୍ଞାନ ଆବଶ୍ୟକ; ଜ୍ଞାନ ପାଇଁ ଅଧ୍ୟୟନ ଆବଶ୍ୟକ; ଆଉ ଅଧ୍ୟୟନର ସବୁଠାରୁ ବଡ଼ ମାଧ୍ୟମ ହେଉଛି ପାଠ। ପଢ଼ା ଲେଖକର ଚିନ୍ତାଧାରାକୁ ପ୍ରସାରିତ କରେ। ଜଣେ ଭଲ ପାଠକ ଖାଲି ତଥ୍ୟ ସଂଗ୍ରହ କରନ୍ତି ନାହିଁ; ସେ ଭିନ୍ନ ଭିନ୍ନ ମଣିଷ, ସମାଜ, ସଂସ୍କୃତି, ଜୀବନ ଓ ଦୃଷ୍ଟିକୋଣ ସହିତ ପରିଚିତ ହୁଅନ୍ତି। ଗୋଟିଏ ଗଳ୍ପ ତାଙ୍କୁ ମଣିଷର ମନ ବୁଝାଇପାରେ, ଗୋଟିଏ କବିତା ତାଙ୍କ ଭାବନାକୁ ନୂଆ ଦିଗ ଦେଇପାରେ, ଇତିହାସ ତାଙ୍କୁ ଅତୀତ ସହ ଯୋଡ଼ିପାରେ, ବିଜ୍ଞାନ ତାଙ୍କ ଯୁକ୍ତିବୋଧକୁ ଶାଣିତ କରିପାରେ ଏବଂ ଭ୍ରମଣ ସାହିତ୍ୟ ତାଙ୍କ ଦୃଷ୍ଟିସୀମାକୁ



କୈଳାସ ଚନ୍ଦ୍ର ଶତପଥୀ

ବିସ୍ତାର କରିପାରେ। ଜଣେ ଲେଖକ ଯେତେ ବେଶି ପଢ଼ନ୍ତି, ସେତେ ବେଶି ନୂଆ ଭାବରେ ଚିନ୍ତା କରିବା ଶିଖନ୍ତି। ପାଠ ତାଙ୍କୁ ଶବ୍ଦର ଶକ୍ତି ଶିଖାଏ। କେଉଁଠି ସରଳ ଭାଷା ବ୍ୟବହାର କରିବା, କେଉଁଠି ଭାବନାକୁ ଗଭୀର କରିବା, କେଉଁଠି ଗୋଟିଏ ଶବ୍ଦ ଯଥେଷ୍ଟ ଏବଂ କେଉଁଠି ଗୋଟିଏ ବାକ୍ୟର ଆବଶ୍ୟକତା, ଏସବୁ ଅନେକ ସମୟରେ କେବଳ ପଢ଼ିବା ମାଧ୍ୟମରେ ହିଁ ଆସେ।

ଭଲ ଲେଖକ ହେବା ପାଇଁ କେବଳ ଭାଷାଜ୍ଞାନ ଯଥେଷ୍ଟ ନୁହେଁ; ଜୀବନକୁ ପଢ଼ିବା ମଧ୍ୟ ଆବଶ୍ୟକ। ମଣିଷର ହସ, ଲୁହ, ସଫଳତା, ବିଫଳତା, ସଂଘର୍ଷ, ସ୍ୱପ୍ନ, ପ୍ରେମ, ବିରହ, ଅଭାବ ଓ ଆଶା, ସବୁକିଛି ହେଉଛି ଲେଖକର ପାଠ୍ୟ। ପୁସ୍ତକ ତାଙ୍କୁ ଜ୍ଞାନ ଦିଏ, କିନ୍ତୁ ଜୀବନ ତାଙ୍କୁ ଅନୁଭବ ଦିଏ। ଏହି ଦୁଇଟିର ସମନ୍ୱୟରୁ ହିଁ ଜନ୍ମ ନିଏ ଏକ ସାର୍ଥକ ଲେଖା। ଆଜିର ଡିଜିଟାଲ ଯୁଗରେ ସୂଚନା ଆମ ଆଙ୍ଗୁଠି ଅଗରେ। ମୋବାଇଲ୍ ଖୋଲିଲେ ଅସଂଖ୍ୟ ଲେଖା, ଖବର ଓ ମତାମତ ମିଳୁଛି। କିନ୍ତୁ ସୂଚନା ପାଇବା ଓ ପଢ଼ିବା ଏକ କଥା ନୁହେଁ। କିଛି ସେକେଣ୍ଡର ଭିଡିଓ କିମ୍ବା କିଛି ଧାଡ଼ିର ସୋସିଆଲ ମିଡିଆ ପୋଷ୍ଟ ଆମକୁ ସୂଚନା ଦେଇପାରେ; କିନ୍ତୁ ଗଭୀର ଚିନ୍ତା ଓ ସୁସଂଗଠିତ ଲେଖନ ପାଇଁ ଗଭୀର ପାଠର ଅଭ୍ୟାସ ଅପରିହାର୍ଯ୍ୟ। ଲେଖକଙ୍କ ପାଇଁ ପଢ଼ିବା କୌଣସି ଅବସରକାଳୀନ ଅଭ୍ୟାସ ନୁହେଁ; ଏହା ତାଙ୍କର ନିତ୍ୟ ସାଧନା। ଯେପରି ଜଣେ ସଙ୍ଗୀତଜ୍ଞ ନିୟମିତ ରିଆଜ କରନ୍ତି, ଜଣେ କ୍ରୀଡ଼ାବିତ୍ ନିୟମିତ ଅଭ୍ୟାସ କରନ୍ତି, ସେହିପରି ଜଣେ ଲେଖକଙ୍କୁ ନିୟମିତ ପଢ଼ିବା ଓ ଲେଖିବାକୁ ପଡ଼େ। ପଢ଼ା ଯେତେ ଗଭୀର, ଚିନ୍ତା ସେତେ ପରିପକ୍ୱ; ଚିନ୍ତା ଯେତେ ପରିପକ୍ୱ, ଲେଖା ସେତେ ସାର୍ଥକ। ଏଠାରେ ଆଉ ଏକ କଥା ମନେ ରଖିବା ଦରକାର, ଅନ୍ୟ ଲେଖକଙ୍କୁ ପଢ଼ିବାର ଅର୍ଥ ତାଙ୍କୁ ଅନୁକରଣ କରିବା ନୁହେଁ। ବରଂ ତାଙ୍କ ଲେଖାରୁ ଶିଖି ନିଜର ସ୍ୱର, ନିଜର ଶୈଳୀ ଓ ନିଜର ଚିନ୍ତାକୁ ବିକଶିତ କରିବା। ଭଲ ପାଠକ ଅନେକ ଲେଖକଙ୍କୁ ପଢ଼ନ୍ତି, କିନ୍ତୁ ଶେଷରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ଗଢ଼ି ତୋଳନ୍ତି। ତେଣୁ ଯେଉଁମାନେ ଲେଖକ ହେବାର ସ୍ୱପ୍ନ ଦେଖୁଛନ୍ତି, ସେମାନେ ପ୍ରଥମେ ନିଜକୁ ପଚାରନ୍ତୁ, "ମୁଁ କେତେ ପଢ଼ୁଛି ?" ନିଜର ପସନ୍ଦର ବିଷୟ ସହିତ ଅପସନ୍ଦର ବିଷୟ ମଧ୍ୟ ପଢ଼ନ୍ତୁ। ନିଜ ଭାଷା ସହିତ ଅନ୍ୟ ଭାଷାର ଭଲ ଲେଖାକୁ ମଧ୍ୟ ଜାଣନ୍ତୁ। ପୁରୁଣା ସାହିତ୍ୟ ପଢ଼ନ୍ତୁ, ନୂଆ ସାହିତ୍ୟ ପଢ଼ନ୍ତୁ, ଖବରକାଗଜର ସମ୍ପାଦକୀୟ ପଢ଼ନ୍ତୁ, ଜୀବନୀ ପଢ଼ନ୍ତୁ, ଗବେଷଣାମୂଳକ ଲେଖା ପଢ଼ନ୍ତୁ। ଏବଂ ପଢ଼ିବା ସହିତ ଭାବନ୍ତୁ, ଲେଖକ ଏହି କଥାଟି କାହିଁକି ଏହି ଭାବରେ ଲେଖିଲେ ? ଲେଖନୀର ଶକ୍ତି କେବଳ କଲମରେ ନଥାଏ; ତାହା ଲୁଚିଥାଏ ଲେଖକର ପାଠାଗାରରେ, ତାଙ୍କ ଅନୁଭବରେ ଓ ତାଙ୍କ ଚିନ୍ତାର ଗଭୀରତାରେ। ଯିଏ ଭଲ ଲେଖିବାକୁ ଚାହେଁ, ସେ ପ୍ରଥମେ ଭଲ ପଢ଼ିବା ଶିଖୁ। କାରଣ ପଢ଼ା ହେଉଛି ଲେଖାର ମାଟି, ଅନୁଭବ ତାହାର ଜଳ, ଚିନ୍ତା ତାହାର ବୀଜ ଏବଂ ଭାଷା ହେଉଛି ତାହାର ଫୁଲ।

ଲେଖକ ହେବାର ପ୍ରଥମ ପାହାଚ, ପାଠକ ହେବା। ଆଉ ଭଲ ଲେଖକ ହେବାର ଅନନ୍ତ ଯାତ୍ରା ହେଉଛି ନିରନ୍ତର ପଢ଼ିବା।

# ସ୍ମୃତିଛବି ଅଛି, ସ୍ମୃତି ନାହିଁ



ସ୍ନେହା ଦାଶ ତ୍ରିପାଠୀ

ସେତେବେଳେ ଆମ ହାତରେ ମୋବାଇଲ ନଥିଲା। ହାତରେ ସ୍ମାର୍ଟଫୋନ୍, ପକେଟ୍‌ରେ କ୍ୟାମେରା, ସେଲ୍‌ଫିର ଚିନ୍ତା ନଥିଲା। ତେଣୁ ଆମ ପାଖରେ ଅତୀତକୁ ଘାଣ୍ଟିବା ପାଇଁ ବେଶୀ ଫଟୋ ନାହିଁ। କିନ୍ତୁ ଅଦ୍ଭୁତ କଥା ହେଉଛି, ଫଟୋ କମ୍ ଥିଲେ ବି ସ୍ମୃତି ବହୁତ ଅଛି। ସେହି ସ୍ମୃତିରେ ଅଛି ଗାଁ ଦାଣ୍ଡର ଧୂଳି, ବର୍ଷାଭିଜା ରାସ୍ତା, ସାଙ୍ଗମାନଙ୍କ ସହ ଅକାରଣ ଗପ, ପର୍ବପର୍ବାଣୀର ଉତ୍ସାହ, ଯାନିଯାତର ଭିଡ଼, ମେଳାର ମଉଛବ, ଘର ଅଗଣାରେ ଏକାଠି ହେବାର ଆନନ୍ଦ। କୌଣସି କ୍ୟାମେରା ସେହି ମୁହୂର୍ତ୍ତଗୁଡ଼ିକୁ ବନ୍ଦୀ କରିନଥିଲା, କିନ୍ତୁ ମନ ସେଗୁଡ଼ିକୁ ଯତ୍ନରେ ସାଇତି ରଖିଥିଲା। ଆଜି କିନ୍ତୁ ପରିସ୍ଥିତି ସମ୍ପୂର୍ଣ୍ଣ ଓଲଟା। ଆଜି ସଭିଙ୍କ ହାତରେ ମୋବାଇଲ। ପ୍ରତିଟି ମୁହୂର୍ତ୍ତର ଫଟୋ ଅଛି, ଭିଡିଓ ଅଛି, ରିଲ୍ ଅଛି, ଷ୍ଟାଟସ୍ ଅଛି। ଜୀବନର ପ୍ରାୟ ପ୍ରତ୍ୟେକ ମୁହୂର୍ତ୍ତ ଡିଜିଟାଲ ଭାବେ ସଂରକ୍ଷିତ। ହଜାର ହଜାର ସ୍ମୃତିଛବି ମୋବାଇଲର ଗ୍ୟାଲେରୀରେ ଶୋଇ ରହିଛି। ହେଲେ ମନର ଗ୍ୟାଲେରୀଟା କାହିଁକି ଏତେ ଖାଲି ?

ଆଜି ଆମ ପାଖରେ ସ୍ମୃତିଛବି ଅଛି, କିନ୍ତୁ ସ୍ମୃତିକୁ ଘାଣ୍ଟିବାର ଅବକାଶ ନାହିଁ। ଫଟୋ ଅଛି, କିନ୍ତୁ ସେହି ଫଟୋ ପଛର କାହାଣୀକୁ ପୁଣିଥରେ ବଞ୍ଚାଇବା ପାଇଁ ସମୟ ନାହିଁ। ଆମେ ମୁହୂର୍ତ୍ତକୁ କ୍ୟାମେରାରେ ଧରୁଛୁ, କିନ୍ତୁ ମୁହୂର୍ତ୍ତକୁ ମନରେ ଧରି ରଖିବା ଭୁଲି ଯାଉଛୁ। ସତରେ ସମୟ ବଦଳି ଗଲାଣି। ଡିଜିଟାଲ ମାୟାରେ ଆଜି ସମସ୍ତେ ବାୟା। ହାତରେ ଥିବା ମୋବାଇଲଟି ଆମକୁ ସାରା ଦୁନିଆ ସହ ଯୋଡ଼ି ଦେଇଛି, କିନ୍ତୁ କେବେ କେବେ ଆମ ପାଖରେ ବସିଥିବା ମଣିଷଟିଠାରୁ ଦୂରେଇ ଦେଇଛି। ହଜାର ମାଇଲ ଦୂରର ଲୋକଙ୍କ ଖବର ଆମେ ଜାଣୁଛୁ, କିନ୍ତୁ ପାଖ ଘରର ମଣିଷଟିର ମନର ଖବର ଜାଣିବାକୁ ସମୟ ନାହିଁ। ସମ୍ପର୍କ ଅଛି, କିନ୍ତୁ ସମ୍ପର୍କର ଉଷ୍ମତା କମିଯାଉଛି। 'କେମିତି ଅଛ ?' ବୋଲି ପଚାରିବା ବଦଳରେ ଆମେ ଗୋଟିଏ ଇମୋଜି ପଠାଇ ଦେଉଛୁ। ଘଣ୍ଟାଏ ବସି ମନଖୋଲା ଗପ କରିବା ବଦଳରେ ଦୁଇ ମିନିଟ୍‌ର ଭିଡିଓ କଲ୍‌ରେ କର୍ତ୍ତବ୍ୟ ସାରି ଦେଉଛୁ। ଏକାଠି ବସିଥିଲେ ବି ଅନେକ ସମୟରେ ଚାରିଜଣ ଚାରିଟି ମୋବାଇଲରେ ନିଜ ନିଜ ଦୁନିଆରେ ବ୍ୟସ୍ତ। ସତରେ କେତେ ବିଚିତ୍ର ଏହି ଆଧୁନିକତା ! ଉତ୍ସବ, ପର୍ବପର୍ବାଣୀ, ଯାନିଯାତ, ମେଳା ମଉଛବ, ଯେଉଁଗୁଡ଼ିକ ଦିନେ ଆମ ସାମାଜିକ ଜୀବନର ଆତ୍ମା ଥିଲା, ଆଜି ସେଗୁଡ଼ିକ ପ୍ରତି ଆଗ୍ରହ କିଛିଟା କମିଥିବା ଭଳି ଲାଗେ। ପୂର୍ବେ ପର୍ବ ଆସିଲେ ଘରଠାରୁ ଦାଣ୍ଡ ପର୍ଯ୍ୟନ୍ତ ଏକ ଅଲଗା ଉତ୍ସାହ ଦେଖାଯାଉଥିଲା। ଆଜି ଉତ୍ସବର ଫଟୋ ଓ ଭିଡିଓ ଅଧିକ, ଉତ୍ସବରେ ମିଶିବାର ଆନନ୍ଦ କମ୍।

ତଥାପି ଆଜିର ପିଢ଼ିକୁ ସମ୍ପୂର୍ଣ୍ଣ ନିରାଶାର ଚକ୍ଷୁରେ ଦେଖିବା ଠିକ୍ ହେବ ନାହିଁ। ଏହି ପିଢ଼ିର ଗୋଟିଏ ସୁନ୍ଦର ଦିଗ ମୋତେ ବିଶେଷ ଭାବେ ଭଲ ଲାଗେ, ତାହା ହେଉଛି ଈଶ୍ୱର ବିଶ୍ୱାସ। ଆଜିର ଅନେକ ଯୁବକଯୁବତୀ ପୂଜାର୍ଚ୍ଚନା କରିବାରେ ଆଗ୍ରହୀ। ମନ୍ଦିରକୁ ଯାଇ ଦେବଦେବୀଙ୍କ ଦର୍ଶନ କରିବାକୁ ଚାହାନ୍ତି। ନିଜ ଧର୍ମ ପ୍ରତି ଶ୍ରଦ୍ଧା ରଖିବା ସହିତ ଅନ୍ୟ ଧର୍ମକୁ ସମ୍ମାନ ଦେବାର ମନୋଭାବ ମଧ୍ୟ ଏହି ପିଢ଼ିରେ ଦେଖିବାକୁ ମିଳୁଛି। ଏହା ନିଶ୍ଚିତ ଭାବେ ଏକ ଆଶାଜନକ ଦିଗ। କାରଣ ଧର୍ମର ସାର କେବଳ ଆଚାର-ଅନୁଷ୍ଠାନରେ ନୁହେଁ; ଧର୍ମର ସାର ହେଉଛି ମଣିଷ ପ୍ରତି ସମ୍ମାନ, ଅନ୍ୟର ବିଶ୍ୱାସ ପ୍ରତି ସହନଶୀଳତା ଏବଂ ମାନବିକତା। ଆମେ ହୁଏତ ଆଜିର ପିଢ଼ିକୁ କହୁଛୁ, ଆମ ସମୟ ଭଲ ଥିଲା, ତୁମ ସମୟ ଖରାପ। କିନ୍ତୁ ସତ କଥା ହେଉଛି, ସମୟ ଖରାପ କି ଭଲ ନୁହେଁ; ସମୟ ସହିତ ମଣିଷର ଜୀବନଶୈଳୀ ବଦଳିଯାଏ। ଆମ ପାଖରେ ଫଟୋ କମ୍ ଥିଲା, କିନ୍ତୁ ସ୍ମୃତି ଅଧିକ ଥିଲା। ସେମାନଙ୍କ ପାଖରେ ଫଟୋ ଅଧିକ, ଭିଡିଓ ଅଧିକ, ଡିଜିଟାଲ ରେକର୍ଡ ଅଧିକ, ତଥାପି ସେହି ଛବିଗୁଡ଼ିକୁ ଜୀବନ୍ତ ସ୍ମୃତିରେ ପରିଣତ କରିବାର ଦାୟିତ୍ୱ ଆମ ସମସ୍ତଙ୍କର। ପ୍ରଯୁକ୍ତିକୁ ଦୋଷ ଦେବା ସହଜ। କିନ୍ତୁ ମୋବାଇଲ ଖରାପ ନୁହେଁ; ତାହାର ଅତ୍ୟଧିକ ଆସକ୍ତି ହିଁ ସମସ୍ୟା। ଡିଜିଟାଲ ଦୁନିଆ ଆମକୁ ଯୋଡ଼ିବା ପାଇଁ ଆସିଛି, ଆମକୁ ପରସ୍ପରଠାରୁ ବିଚ୍ଛିନ୍ନ କରିବା ପାଇଁ ନୁହେଁ। ତେଣୁ ଏବେଠାରୁ ଆସନ୍ତୁ, ଫଟୋ ଉଠାଇବା, କିନ୍ତୁ ଫଟୋ ଉଠାଇବା ପୂର୍ବରୁ ମୁହୂର୍ତ୍ତଟିକୁ ବଞ୍ଚିବା। ଷ୍ଟାଟସ୍ ଦେବା, କିନ୍ତୁ ନିଜ ଲୋକଙ୍କ ସହ କିଛି ସମୟ ବସି ଗପ ମଧ୍ୟ କରିବା। ମନ୍ଦିର ଯିବା, କିନ୍ତୁ ଫେରିବା ବାଟରେ ଜଣେ ଅସହାୟ ମଣିଷର ହାତ ମଧ୍ୟ ଧରିବା। ନିଜ ଧର୍ମକୁ ଭଲ ପାଇବା, କିନ୍ତୁ ଅନ୍ୟର ଧର୍ମକୁ ସମ୍ମାନ କରିବା। କାରଣ ଜୀବନର ସବୁଠାରୁ ବଡ଼ ସ୍ମୃତି ମୋବାଇଲର ଗ୍ୟାଲେରୀରେ ନୁହେଁ, ମଣିଷର ମନରେ ରହିଯାଏ। ଏବଂ ହୁଏତ ଆଗାମୀ ପିଢ଼ି ଯେତେବେଳେ ଆମକୁ ମନେ ପକାଇବ, ସେତେବେଳେ ଆମର ଫଟୋ ନୁହେଁ, ଆମ ସହ ବିତାଇଥିବା କିଛି ଉଷ୍ମ ମୁହୂର୍ତ୍ତ ହିଁ ତାଙ୍କର ସବୁଠାରୁ ମୂଲ୍ୟବାନ ସ୍ମୃତି ହୋଇ ରହିବ। ସ୍ମୃତିଛବି ହଜାର ହଜାର ହୋଇପାରେ; କିନ୍ତୁ ମନରେ ରହିଯାଉଥିବା ସ୍ମୃତି, ସବୁବେଳେ ଅଳ୍ପ କିଛି ମୁହୂର୍ତ୍ତର ହିଁ ହୋଇଥାଏ।

*ରାମଚନ୍ଦ୍ରପୁର, ରଣପୁର, ନୟାଗଡ଼।*
*ମୋବାଇଲ : ୯୮୨୭୯୫୦୦୬୬*

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଗଣେଶ ପୂଜା : ସେଦିନର ଓ ଆଜିର...

କଳାର ସ୍ୱାଧୀନତା ନିଶ୍ଚିତ ରହିବା ଦରକାର। ନୂଆ ପିଢ଼ି ନୂଆ ଭାବନା ଆଣିବ, ଏହା ମଧ୍ୟ ସ୍ୱାଭାବିକ। କିନ୍ତୁ ନୂଆପଣର ଦୌଡ଼ରେ ଗଣେଶଙ୍କ ଆଧ୍ୟାତ୍ମିକ ଓ ସାଂସ୍କୃତିକ ପରିଚୟଟି ଯେପରି ହଜି ନଯାଏ, ସେଥିପ୍ରତି ମଧ୍ୟ ଆମ ସଭିଙ୍କର ଧ୍ୟାନ ରହିବା ଆବଶ୍ୟକ।

ତେବେ କେଉଁଟି ଭଲ, ସେଦିନ ନା ଆଜି ? ଏମିତି ପ୍ରଶ୍ନଟେ ମନକୁ ଆସୁଛି। ହୁଏତ ଏହି ପ୍ରଶ୍ନର ଉତ୍ତର ସେତେ ସରଳ ନୁହେଁ। ସେଦିନ ଥିଲା ସରଳତା, ସାମୂହିକତା ଓ ଭକ୍ତିର ଉତ୍ସବ। ଆଜି ତା' ସହ ଯୋଡ଼ିଛି କଳା, ପ୍ରତିଯୋଗିତା, ପ୍ରଯୁକ୍ତି, ସୃଜନଶୀଳତା ଓ ବିଶାଳ ଆୟୋଜନ। ସେଦିନ ରାତି ଅଧରୁ ଫୁଲ ତୋଳିବାର ଉତ୍ସାହ ଥିଲା। ଆଜି ରାତି ଅଧରୁ ପେଣ୍ଡାଲରେ ଲାଇଟ୍ ଜଳାଇବାର ଉତ୍ସାହ। ସେଦିନ ମୂର୍ତ୍ତି ଆସିଲେ ଘରେ ଭକ୍ତିର ପରିବେଶ ହେଉଥିଲା। ଆଜି ମୂର୍ତ୍ତି ଆସିଲେ ସେଲ୍ଫି, ଫଟୋ ଓ ଭିଡିଓର ବନ୍ୟା ଆସୁଛି। ସେଦିନ ସ୍କୁଲରେ ପୂଜା ପରେ ଭୋଜି ହେଉଥିଲା। ଆଜି ସେହି ସ୍କୁଲ କିମ୍ବା କ୍ଲବରେ କେଉଁ ଥିମ୍ ସବୁଠାରୁ ଆକର୍ଷଣୀୟ ହେଲା, ତାହା ନେଇ ଆଲୋଚନା ହେଉଛି। ଏଠି ଗୋଟିଏ କଥା ମନକୁ ଆସୁଛି। ଭବିଷ୍ୟତରେ ଯେବେ ଆମ ପିଲାମାନେ ବା ଆଗାମୀ ପିଢ଼ି ଆମକୁ ପଚାରିବେ "ତୁମ ସମୟର ଗଣେଶ ପୂଜା କେମିତି ଥିଲା ?" ତେବେ କ'ଣ ଆମେ କେବଳ ବଡ଼ ପେଣ୍ଡାଲର କଥା କହିବାକୁ ଚାହିଁବୁ କି ? ନା, ଆମେ କହିବୁ, ଆମେ ରାତି ଅଧରୁ ଫୁଲ ତୋଳୁଥିଲୁ। ସମସ୍ତେ ମିଶି ମଣ୍ଡପ ସଜାଉଥିଲୁ। ପୂଜା ପରେ ଏକାଠି ବସି ଭୋଜି ଖାଉଥିଲୁ। ଗଣେଶଙ୍କ ସାମ୍ନାରେ ବସି ପାଠ ପଢୁଥିଲୁ। ଆଉ ସବୁଠାରୁ ବଡ଼ କଥା, ସେଦିନର ପୂଜା ଆମକୁ ଏକାଠି କରୁଥିଲା। ଏହି ସ୍ମୃତିଗୁଡ଼ିକ ହିଁ ତ ପରମ୍ପରା। ତେଣୁ ଆଧୁନିକ ଗଣେଶ ପୂଜାରେ ଏହି ସ୍ମୃତିଗୁଡ଼ିକୁ ହରାଇବା ନୁହେଁ; ବରଂ ନୂଆ ପିଢ଼ିକୁ ଏହାର ଅର୍ଥ ବୁଝାଇବା ଦରକାର। ସମୟ ବଦଳିଛି, ଉତ୍ସବ ବଦଳିଛି। କିନ୍ତୁ ଗଣେଶ ପୂଜାର ମୂଳ ଆତ୍ମା, ଭକ୍ତି, ଜ୍ଞାନ, ଶୃଙ୍ଖଳା ଓ ଏକତା, ସେହିଠି ରହିବା ଦରକାର। ହୁଏତ ଆମକୁ ଦୁଇଟି ଯୁଗରୁ ଭଲ କିଛି ନେବାକୁ ପଡ଼ିବ। ପୁରୁଣା ଦିନର ସରଳତାକୁ ଫେରାଇ ଆଣିବା ଦରକାର, କିନ୍ତୁ ଆଧୁନିକତାକୁ ତ୍ୟାଗ କରିବା ନୁହେଁ। ଆଧୁନିକ ଥିମ୍ ରହୁ, କିନ୍ତୁ ତା' ଭିତରେ ଗଣେଶଙ୍କ କାହାଣୀ ଓ ସଂସ୍କୃତିର ଛାପ ରହୁ। ବଡ଼ ପେଣ୍ଡାଲ ହେଉ, କିନ୍ତୁ ଭକ୍ତି ତା'ଠାରୁ ବଡ଼ ହେଉ। ଆଲୋକସଜ୍ଜା ହେଉ, କିନ୍ତୁ ପରିବେଶ ପ୍ରତି ଦାୟିତ୍ୱ ରହୁ। ପାରମ୍ପରିକ ଭାବେ ମାଟିର ମୂର୍ତ୍ତି ଓ ପ୍ରାକୃତିକ ରଙ୍ଗର ବ୍ୟବହାର ଥିବାରୁ ଆଜି ମଧ୍ୟ ପରିବେଶ-ବନ୍ଧୁ ଗଣେଶ ପୂଜାକୁ ଗୁରୁତ୍ୱ ଦିଆଯାଉଛି। ପ୍ରତିଯୋଗିତା ହେଉ, କିନ୍ତୁ ପ୍ରତିଯୋଗିତା ଭକ୍ତିକୁ ପଛରେ ପକାଇ ନଦେଉ। କାରଣ ଗଣେଶ ପୂଜା ଖାଲି ମୂର୍ତ୍ତି, ପେଣ୍ଡାଲ, ଆଲୋକ ଓ ଶବ୍ଦର ପର୍ବ ନୁହେଁ। ଏହା ହେଉଛି ବିଦ୍ୟାର ଆରାଧନା, ନୂଆ ଆରମ୍ଭର ଆଶା, ପରିବାରର ମିଳନ ଏବଂ ସମାଜକୁ ଏକାଠି କରୁଥିବା ଏକ ପରମ୍ପରା। ହୁଏତ ଆଜିର ପିଢ଼ି ପାଖରେ ପୁରୁଣା ଗଣେଶ ପୂଜାର ସବୁ ସ୍ମୃତି ନଥାଇପାରେ। କିନ୍ତୁ ଯଦି ଆଜିର ଗଣେଶ ପୂଜାରେ ଆମେ ଆଧୁନିକତା ସହ ସେହି ପୁରୁଣା ଦିନର ସରଳତା, ଆପଣାପଣିଆ ଓ ଭକ୍ତିକୁ ଯୋଡ଼ିପାରିବା, ତେବେ ହୁଏତ ଗଣେଶ ପୂଜା କେବଳ ବଦଳିବ ନାହିଁ, ଆହୁରି ସୁନ୍ଦର ହେବ। କାରଣ ସମୟ ବଦଳିବା ସ୍ୱାଭାବିକ, କିନ୍ତୁ ପରମ୍ପରାର ଆତ୍ମା ବଦଳିଯିବା ଉଚିତ ନୁହେଁ।



# ସମ୍ ପକ୍ଷରୁ 'ଅଙ୍କୋଲୋଜି ଫର୍ ପୋଷ୍ଟ ଗ୍ରାଜୁଏଟ୍‌ସ' କର୍ମଶାଳା ଉଦ୍‌ଘାଟିତ

**ଭୁବନେଶ୍ୱର (ଭିଓଭି) :** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ କ୍ୟାମ୍ପସ-୧ର ସର୍ଜିକାଲ୍ ଅଙ୍କୋଲୋଜି ବିଭାଗ ପକ୍ଷରୁ ଶନିବାର ଦୁଇଦିନିଆ କର୍ମଶାଳା 'ଅଙ୍କୋଲୋଜି ଫର୍ ପୋଷ୍ଟ ଗ୍ରାଜୁଏଟ୍ସ' ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୨୦୦ରୁ ଊର୍ଦ୍ଧ୍ୱ ପୋଷ୍ଟ ଗ୍ରାଜୁଏଟ୍ ଛାତ୍ରଛାତ୍ରୀ, ଫ୍ୟାକଲ୍ଟି ଓ ଡାକ୍ତରମାନେ ଯୋଗ ଦେଇଛନ୍ତି। ଏହି କର୍ମଶାଳାର ପ୍ରସଙ୍ଗ ରହିଛି 'ଫଣ୍ଡାମେଂଟାଲ୍‌ସ ଅଫ୍ ଅଙ୍କୋଲୋଜି ଫର ଫ୍ୟୁଚର୍ ସର୍ଜନ୍ସ'। ଏହି କାର୍ଯ୍ୟକ୍ରମରେ ହସ୍ପିଟାଲର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସମାନ୍ତସିଂହାର ଯୋଗ ଦେଇ କହିଥିଲେ ଏଭଳି କର୍ମଶାଳାଦ୍ୱାରା ଭବିଷ୍ୟତର ସର୍ଜନ, ପିଜି ଛାତ୍ରଛାତ୍ରୀ, ଡାକ୍ତର ଓ ଫ୍ୟାକଲ୍ଟି ବହୁମାତ୍ରାରେ ଉପକୃତ ହୋଇପାରିବେ। ଖୁବ୍ କମ୍ ସମୟ ମଧ୍ୟରେ ଉଚ୍ଚ କୋଟରୀ ଆଧୁନିକ ଜ୍ଞାନ କୌଶଳର ଚିକିତ୍ସା ପ୍ରଦାନ କରାଯିବା ସହିତ ରୋବୋଟିକ୍ ମାଧ୍ୟମରେ ରୋଗୀଟିକୁ କିପରି ସର୍ଜରୀ କରାଯାଇପାରିବ ସେ ନେଇ ପ୍ରଶିକ୍ଷଣ କରାଯାଉଛି ବୋଲି ପ୍ରଫେସର ସାମନ୍ତସିଂହାର ଉଦ୍‌ବୋଧନ ଦେବା ସହ ସର୍ଜିକାଲ ଅଙ୍କୋଲୋଜି ବିଭାଗ ଦ୍ୱାରା ଆୟୋଜିତ ଏଭଳି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲର ଆଡିସ୍‌ନାଲ ଡିନ୍ (ସୁପର ସ୍ପେଶାଲିଟି) ପ୍ରଫେସର (ଡାକ୍ତର) ପ୍ରକାଶ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିବା ଅବସରରେ କହିଥିଲେ ଯେ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ କେବଳ ସ୍ୱାସ୍ଥ୍ୟ ସେବା ଓ ଚିକିତ୍ସା କ୍ଷେତ୍ରରେ ନୁହେଁ ବରଂ ଶିକ୍ଷାଦାନ ଏବଂ ତାଲିମ୍ କ୍ଷେତ୍ରରେ ଓଡିଶା ସମେତ ସାରା ଦେଶରେ ବେଶ୍ ଅଗ୍ରଣୀ ଅନୁଷ୍ଠାନ ଭାବେ ପରିଚିତ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର କର୍କଟ ରୋଗ ଯଥା- ସ୍ତନ କର୍କଟ, ଫୁସ୍‌ଫୁସ୍ କର୍କଟ, କୋଲନ୍ କ୍ୟାନ୍ସର, ଗ୍ୟାଷ୍ଟ୍ରୋ କ୍ୟାନ୍ସର ଏବଂ ପ୍ରୋଷ୍ଟେଟ୍ କ୍ୟାନ୍ସର ବିଷୟରେ ଅବଗତ କରାଇବା ସହ ରୋବୋଟିକ୍ ମାଧ୍ୟମରେ କିପରି ଚିକିତ୍ସା ପ୍ରଦାନ କରାଯାଇପାରିବ ସେ ନେଇ ପ୍ରଶିକ୍ଷିତ କରାଯିବ ବୋଲି ପ୍ରଫେସର ସାହୁ ସୂଚନା ଦେଇଥିଲେ।

କର୍କଟ ରୋଗ ବର୍ତ୍ତମାନ ଦ୍ରୁତ ଗତିରେ ବ୍ୟାପି ଚାଲିଛି। ଭାରତରେ ପ୍ରତିବର୍ଷ ପ୍ରାୟ ୧୫ ଲକ୍ଷ କର୍କଟ ରୋଗୀ ଚିହ୍ନଟ ହେଉଛନ୍ତି। ବର୍ତ୍ତମାନ ପ୍ରାଥମିକ ସ୍ତରରେ ଥିବା କର୍କଟ ରୋଗୀ ଚିକିତ୍ସା ନିମନ୍ତେ ଡାକ୍ତରଖାନାକୁ ଆସୁଛନ୍ତି। ଏହି ସମୟରେ ସେମାନଙ୍କୁ କିପରି ଉତ୍ତମ ଚିକିତ୍ସା ପ୍ରଦାନ କରାଯିବ ସେ ନେଇ ଡାକ୍ତର ସାହୁ ମତ ବ୍ୟକ୍ତ କରିଥିଲେ।

ଏହି ଅବସରରେ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ କ୍ୟାମ୍ପସ-୧ର ଆଡିସ୍‌ନାଲ ଡିନ୍ ଡାକ୍ତର ଅଜୟ କୁମାର ଜେନା, ଆଚାର୍ଯ୍ୟ ହରିହର ପୋଷ୍ଟ ଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ୟାନସର (ଏଏଚ୍‌ପିଜିଆଇସି)ର ନିର୍ଦ୍ଦେଶକ ଡାକ୍ତର ଦୀପକ ରାଉତରାୟ, ଭୁବନେଶ୍ୱର ଏମ୍ସର ଡିନ୍ ଆକାଡେମିକସ୍ ତଥା ରେଡିଏସନ୍ ଅଙ୍କୋଲୋଜି ବିଭାଗୀୟ ମୁଖ୍ୟ ଡାକ୍ତର ଦୀଲିପ ପରିଡା, ଭୋପାଳ ସ୍ଥିତ ଦରଭଙ୍ଗା ଏମ୍ସର ନିର୍ଦ୍ଦେଶକ ପ୍ରଫେସର (ଡାକ୍ତର) ମାଧବାନନ୍ଦ କର ପ୍ରମୁଖ ଯୋଗ ଦେଇ ଏହି କର୍ମଶାଳାର ଉଦ୍ଦେଶ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ପ୍ରଥମ ଦିନରେ ବିଭିନ୍ନ ପ୍ରକାର ବୈଜ୍ଞାନିକ ଆଲୋଚନା ଚକ୍ର ସହ ସର୍ଜିକାଲ୍ ଭିଡିଓ କନ୍‌ଫରେସନ୍ ହୋଇଥିବା ବେଳେ ଦ୍ୱିତୀୟ ଦିନରେ ସ୍କିଲ୍ ଲାବ୍ ରେ ହାଣ୍ଡ୍ସ ଅନ୍ ରୋବୋଟିକ୍ ଏକ୍ସପିରିଏସନ୍ ପ୍ରଶିକ୍ଷଣ କରାଯିବ। ଏହି କାର୍ଯ୍ୟକ୍ରମରେ ସର୍ଜିକାଲ୍ ଅଙ୍କୋଲୋଜି ବିଭାଗୀୟ ମୁଖ୍ୟ ପ୍ରଫେସର (ଡାକ୍ତର ) ସୁନୀଲ କୁମାର ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

# କାର୍ଯ୍ୟାଳୟ ବାହାରେ ଅନୁଷ୍ଠିତ ସାଧାରଣ ଅଧିବେଶନକୁ ନେଇ ଦ୍ୱନ୍ଦ୍ୱ

**ଓଡ଼ଗାଁ (ଭିଓଭି) :** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକର ତ୍ରୟୋଦଶ ସାଧାରଣ ଅଧିବେଶନ ବ୍ଲକ ପରିସର ଠାରୁ ୧୦ କିମି ଦୂରରେ ଥିବା ଜିଲ୍ଲାର ଅନ୍ୟତମ ପର୍ଯ୍ୟଟନ ସ୍ଥଳୀ ଭାବରେ ପରିଚିତ ବୁଢ଼ାବୁଢ଼ିଆଣୀ ଡାକ ବଙ୍ଗଳା ବାହାରେ ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ହେଲେ ସମିତି କାର୍ଯ୍ୟାଳୟ ଭିତରେ ହିଁ ସମିତି ମିଟିଂ ଆୟୋଜନ କରିବା ନିମନ୍ତେ 'ଦି ଓଡିଶା ପଞ୍ଚାୟତ ସମିତି (କଣ୍ଡକ୍ଟ ଅଫ ବିଜିନେସ ରୁଲସ ୧୯୬୯) ପାରା ୩ ରେ ସ୍ପଷ୍ଟ ଉଲେଖ ରହିଥିବା ବେଳେ ଉଲ୍ଲେଖିତ ନିୟମକୁ ସ୍ପଷ୍ଟ ଭାବେ ଉଲ୍ଲଙ୍ଘନ କରାଯାଇ ବ୍ଲକ କାର୍ଯ୍ୟାଳୟ ଠାରୁ ଦୂରରେ ସମିତି ବୈଠକ ଅନୁଷ୍ଠିତ କରିବା ନେଇ ସାଧାରଣରେ ଦ୍ୱନ୍ଦ୍ୱ ଦେଖାଦେଇଛି । ଅନ୍ୟପକ୍ଷେ ବ୍ଲକ ପରିସରରେ ବହୁ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ୩ ଶୀତତାପ ନିୟନ୍ତ୍ରିତ ସମ୍ମିଳନୀ କକ୍ଷ କାର୍ଯ୍ୟକ୍ଷମ ରହିଥିବା ବେଳେ ଲଘୁ ଚାପର ପ୍ରତିକୂଳ






ପରିବେଶ (ଲଗାଣ ବର୍ଷା ) ମଧ୍ୟରେ ବୁଢାବୁଢିଆଣୀ ଡ୍ୟାମ ଉପରେ ଟେଷ୍ଟ ହାଉସ ତଳେ ସମିତି ଅଧିବେଶନ କାହା ସ୍ୱାର୍ଥରେ ଆୟୋଜନ ହୋଇଥିଲା, ସେ ନେଇ ଅନେକ ପ୍ରଶ୍ନ କରିବା ସ୍ୱାଭାବିକ । ଏପରିସ୍ଥଳେ ସମିତି ଆୟୋଜନ କାର୍ଯ୍ୟକାରୀ ଅଧିକାରୀ ବିଡ଼ିଓ ପ୍ରିତିବାଳା ରଣାଙ୍କୁ ଏନେଇ ମତାମତ ନେବା ପାଇଁ ଉଦ୍ୟମ କରାଯାଇଥିବା ବେଳେ ତାହା ସମ୍ଭବ ହୋଇନାହିଁ । ଏପରିସ୍ଥଳେ ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ଅଧିବେଶନରେ ରଣପୁର ବିଧାୟିକା ତଥା ରାଜ୍ୟ ବିଧାନ ସଭା ବାଚସ୍ପତି ସୁରମା ପାଢ଼ୀ, ବିଧାୟକ ଅରୁଣ କୁମାର ସାହୁଙ୍କ ସମେତ ସମସ୍ତ ନିର୍ବାଚିତ ଜିଲ୍ଲା ପରିଷଦ ସଦସ୍ୟ, ସରପଞ୍ଚ ଓ ସମିତି ସଭ୍ୟ ଯୋଗଦେଇଥିବା ବେଳେ କେତେକ ବ୍ଲକ ସ୍ତରୀୟ ଅଧିକାରୀ ଅଂଶଗ୍ରହଣ କରିଥିଲେ । ସମସ୍ତ ଦଳୀୟ ମତଭେଦ ଠାରୁ ଊର୍ଦ୍ଧ୍ୱରେ ରହି ଗାଁ'ର ବିକାଶ ପ୍ରତି ଧ୍ୟାନ ଦେବା ସହିତ ବିକଶିତ ଗାଁ,ବିକଶିତ ଓଡ଼ିଶା ସଙ୍କଳ୍ପ ସଫଳ ହୋଇପାରିବ ବୋଲି ବାଚସ୍ପତି ପାଢ଼ୀ କହିଥିଲେ । ସେହିପରି ବିଧାୟକ ସାହୁ, ନିର୍ମାଣ କାର୍ଯ୍ୟ ଆଦୌ ଆରମ୍ଭ ହୋଇନଥିବା ବେଳେ ନିର୍ମାଣାଧୀନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବ୍ଲକ୍ ପ୍ରଶାସନକୁ ପରାମର୍ଶ ଦେଇଥିଲେ।ଭିବିଜି ରାମଜୀ ଯୋଜନାରେ ରାସ୍ତାଘାଟ ଏବଂ ଖେଳପଡିଆ ନିର୍ମାଣକୁ ଗୁରୁତ୍ୱ ଦେବା ଏବଂ ମନରେଗା ଯୋଜନାରେ ୪୪୬୪ ପ୍ରକଳ୍ପ ମଧ୍ୟରୁ ମାତ୍ର ୩୭୨ ପ୍ରକଳ୍ପ କାର୍ଯ୍ୟ ସରିଥିବା ବେଳେ ଅନ୍ୟ ସମସ୍ତ ନିର୍ମାଣ କାର୍ଯ୍ୟ ଯଥା ସମୟରେ ସାରିବାକୁ ନିଷ୍ପତ୍ତି ହୋଇଥିଲା। ପ୍ରତି ପଞ୍ଚାୟତରେ ୭ଶହ ଚାରା ରୋପଣ ପାଇଁ କାର୍ଯ୍ୟ ଲକ୍ଷ୍ୟ ପୁରା ହୋଇନଥିବା ମତ ପ୍ରକାଶ ପାଇଥିଲା । ଅନ୍ତୋଦୟ ଗୃହ ଯୋଜନାରେ ଜବ କାର୍ଡ ବ୍ୟବହାର କରିଥିବା ହିତାଧିକାରୀଙ୍କୁ ଶ୍ରମଦାନ ନିମନ୍ତେ ଅର୍ଥ ପ୍ରଦାନ ପାଇଁ ରଙ୍ଗଣୀପାଟଣା ସରପଞ୍ଚ ସସ୍ମିତା ପାତ୍ର ପ୍ରସ୍ତାବ ରଖିଥିଲେ।ଏ ସଙ୍କ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିବେ ବୋଲି ବାଚସ୍ପତି କହିଥିଲେ। ସମନ୍ୱୀତ ଶିଶୁ ବିକାଶ ଯୋଜନାରେ ୨୩୦ ଅଙ୍ଗନବାଡ଼ି କେନ୍ଦ୍ରରୁ ୧୪୨କେନ୍ଦ୍ର ନିର୍ମାଣ କାର୍ଯ୍ୟ ସରିଥିବା ବେଳେ ୩୦ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଚାଲିଛି।ଏବଂ ୫୮ କେନ୍ଦ୍ରରେ ଆଦୌ କାର୍ଯ୍ୟ ଆରମ୍ଭ ହୋଇନଥିବା ସୂଚନା ମିଳିଥିଲା । ମେଗା ପାନୀୟଜଳ ଯୋଗାଣ, ବିଦ୍ୟୁତ୍ ଏବଂ ସ୍ମାର୍ଟ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ସମ୍ବନ୍ଧୀୟ ଆଲୋଚନା ହୋଇଥିଲା। ଓଡ଼ଗାଁ ବ୍ଲକ ବିଡିଓ ରଣାଙ୍କ ସହିତ ଅନ୍ୟ ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂ ପା ଦ କୀ ୟ

# ଆସନ୍ତୁ, ବଙ୍କା କହିବା

ଏହି ଆଲେଖ୍ୟଟି ସମ୍ପୂର୍ଣ୍ଣ ଭାବେ ମୋର ବ୍ୟକ୍ତିଗତ ଅନୁଭୂତି, ଅଭିଜ୍ଞତା ଓ ମତାମତ ଉପରେ ଆଧାରିତ। ଏହି ବିଷୟରେ କାହାର ଭିନ୍ନ ମତ ଥାଇପାରେ, ସେଥିରେ ତିଳେମାତ୍ର ସନ୍ଦେହ ନାହିଁ। ତଥାପି ଜୀବନର ବିଭିନ୍ନ ପର୍ଯ୍ୟାୟରେ ମିଳିଥିବା ଅନୁଭୂତି ଓ ଦୀର୍ଘଦିନର ପେସାଗତ ଅଭିଜ୍ଞତା ମୋତେ ଏହି ପ୍ରଶ୍ନଟି ପଚାରିବାକୁ ବାଧ୍ୟ କରିଛି। ସବୁବେଳେ କ'ଣ ସିଧା କଥା କହିବା ସମ୍ଭବ ? ନା କେତେବେଳେ ବଙ୍କା କଥା ହିଁ ବାସ୍ତବତାର ଭାଷା ହେଇଥାଏ। ଆମେ ଅନ୍ୟମାନଙ୍କଠାରୁ ପ୍ରାୟତଃ ଶୁଣିଥାଉ, "କଥାଟାକୁ ସିଧା କହୁନାହଁ, ଏତେ ବୁଲେଇ ବଙ୍କେଇ କହିବାର ଅର୍ଥ କ'ଣ ?" ସିଧା କଥା ଓ ବଙ୍କା କଥାର ସଂଜ୍ଞା ନେଇ ଅଧିକ ତର୍କ କରିବାର ଆବଶ୍ୟକତା ମୁଁ ମନେ କରେ ନାହିଁ। କାରଣ ଜୀବନର ବାସ୍ତବତା ଆମକୁ ବାରମ୍ବାର ଶିଖାଇଥାଏ ଯେ, ପରିସ୍ଥିତି ଅନୁସାରେ କଥାର ରୂପ ବଦଳିଯାଏ। ବିଭିନ୍ନ ସଂସ୍ଥାରେ କାମ କରିବାର ସୁଯୋଗ ମିଳିଥିଲେ ମଧ୍ୟ ମୋର ଦୀର୍ଘଦିନର ଅଭିଜ୍ଞତା ରହିଛି ଦୁଇଟି ବିଶେଷ କ୍ଷେତ୍ରରେ; ଜୀବନ ବୀମା ଓ ଓକିଲାତି ତଥା ଆଇନ ସେବା। ଏହି ଦୁଇଟି କ୍ଷେତ୍ରର କାର୍ଯ୍ୟଧାରା ସମ୍ପର୍କରେ ଅଳ୍ପବହୁତ ସମସ୍ତେ ଅବଗତ। କିନ୍ତୁ ଏହି ଦୁଇ କ୍ଷେତ୍ରରେ "ସିଧା" ଓ "ବଙ୍କା" କଥା କିପରି ନିଜ ନିଜ ଭୂମିକା ନିଭାଏ, ସେ ସମ୍ପର୍କରେ ମୋର କିଛି ଅନୁଭୂତି ବାଣ୍ଟିବାକୁ ଚାହେଁ। ବୀମା ବିକ୍ରିରେ ସିଧା କଥାର ସମସ୍ୟା ବହୁତ ରହିଛି। ଜୀବନ ବୀମା ଶିଳ୍ପରେ ବିଶେଷ କରି ଦୁଇ ପ୍ରକାରର ଯୋଜନା ବିଷୟରେ ଆମେ ଶୁଣିଥାଉ, ପାରମ୍ପରିକ ବା ଟ୍ରାଡିସନାଲ୍ ପଲିସି ଏବଂ ୟୁଲିପ୍ (ULIP), ଯାହାକୁ ସାଧାରଣ ଭାଷାରେ ଅନେକେ ସେୟାର ବଜାର ସହିତ ସଂପୃକ୍ତ ପଲିସି ଭାବେ ଜାଣନ୍ତି। ଧରନ୍ତୁ, ଜଣେ ଗ୍ରାହକଙ୍କୁ ପାରମ୍ପରିକ ବୀମା ଯୋଜନା ବିକ୍ରି କରାଯାଉଛି। ତାଙ୍କୁ ଦୀର୍ଘ ସମୟ ପରେ ମ୍ୟାଚୁରିଟି ସମୟରେ କେତେ ଟଙ୍କା ମିଳିପାରେ, ତାହା ବୁଝାଇବା ପାଇଁ ପୂର୍ବବର୍ଷଗୁଡ଼ିକରେ କମ୍ପାନୀ ଘୋଷଣା କରିଥିବା ବୋନସ୍‌କୁ ଆଧାର କରି ଏକ ହିସାବ ଦେଖାଯାଏ। ଗ୍ରାହକଙ୍କୁ ଏକ ଆଶାଜନକ ରାଶି ଦେଖାଯାଏ। କିନ୍ତୁ ସେହି ରାଶି ଶତପ୍ରତିଶତ ନିଶ୍ଚିତ, ଏପରି କହିବା ଠିକ୍ ଆଦୌ ନୁହେଁ। ଭବିଷ୍ୟତରେ କମ୍ପାନୀର ବୋନସ୍ କେତେ ହେବ, ତାହା ଅନୁଯାୟୀ ଗ୍ରାହକ ଦେଖାଯାଇଥିବା ରାଶିଠାରୁ ଅଧିକ କିମ୍ବା କମ୍ ପାଇପାରନ୍ତି। ଏବେ ଯଦି ବୀମା ବିକ୍ରେତା ଗ୍ରାହକଙ୍କୁ ସମ୍ପୂର୍ଣ୍ଣ ସିଧା କଥାରେ କହିଦିଅନ୍ତି "କମ୍ପାନୀର ଭବିଷ୍ୟତ ଲାଭ ଓ ଘୋଷିତ ବୋନସ୍ ଅନୁଯାୟୀ ଆପଣଙ୍କ ରାଶି ନିର୍ଦ୍ଧାରିତ ହେବ; ଏବେ ଯେତେ ଦେଖାଉଛୁ, ସେତେ ନିଶ୍ଚିତ ଭାବେ ପାଇବେ ବୋଲି କହିହେବ ନାହିଁ", ତେବେ ପ୍ରଶ୍ନ ହେଉଛି, କେତେଜଣ ଗ୍ରାହକ ଉତ୍ସାହର ସହିତ ସେହି ଯୋଜନାରେ ନିବେଶ କରିବେ? ସେହି କାରଣରୁ ବୀମା ବିକ୍ରିରେ କଥାକୁ କିଛିଟା ଘୁରାଇ, ବୁଲେଇ, ଆଶାଜନକ ଭାବରେ ପ୍ରସ୍ତୁତ କରିବାକୁ ପଡ଼େ। ଏହା କେବଳ ଜଣେ ବିକ୍ରେତାଙ୍କ ସମସ୍ୟା ନୁହେଁ; ବଜାରର ସ୍ୱଭାବ ମଧ୍ୟ ଏହାକୁ ପ୍ରଭାବିତ କରେ। ଠିକ୍ ସେହିପରି ୟୁଲିପ୍‌ରେ ଯଦି ଗ୍ରାହକଙ୍କୁ ସିଧାସଳଖ କୁହାଯାଏ, "ମାର୍କେଟ୍ ବଢ଼ିଲେ ଭଲ ରିଟର୍ଣ୍ଣ ମିଳିପାରେ, କିନ୍ତୁ ବଜାର ମୂଲ୍ୟ ଖସିଲେ ଆପଣଙ୍କ ନିବେଶର ମୂଲ୍ୟ କମିପାରେ", ତେବେ ଅନେକ ଗ୍ରାହକ ନିବେଶ କରିବା ପୂର୍ବରୁ ଦୁଇଥର ଭାବିବେ। ତେଣୁ ବିକ୍ରି ପରାମର୍ଶଦାତା ଗ୍ରାହକଙ୍କ ଆଖିକୁ ଭଲ ଓ କାନକୁ ମଧୁର ଲାଗିବା ଭଳି ପୂର୍ବ ଅଭିଜ୍ଞତା, ସମ୍ଭାବ୍ୟ ଲାଭ ଓ ଭବିଷ୍ୟତର ଆଶାକୁ ଆଗରେ ରଖି କଥା କହିଥାନ୍ତି। ଅର୍ଥାତ୍, ସିଧା କହିଲେ ବୀମା ବିକ୍ରି ହେଉନଥିଲା; ବଙ୍କା କହିଲେ ଗ୍ରାହକଙ୍କ ଆଶା ଜାଗୁଥିଲା। ତେବେ ସମୟ ବଦଳିଛି। ଗ୍ରାହକଙ୍କ ଆବଶ୍ୟକତା ଓ ଆଶାକୁ ଧ୍ୟାନରେ ରଖି ଏବେ ବୀମା କମ୍ପାନୀଗୁଡ଼ିକ ନିଶ୍ଚିତ ଲାଭ ବା ଗ୍ୟାରେଣ୍ଟେଡ୍ ବେନିଫିଟ୍ ଥିବା ବିଭିନ୍ନ ଯୋଜନା ମଧ୍ୟ ଉପଲବ୍ଧ କରାଇଛନ୍ତି। ଏହା ବୋଧହୁଏ ବଜାରର ଅନୁଭୂତିରୁ ମିଳିଥିବା ଏକ ଶିକ୍ଷା।

ଓକିଲାତିରେ ସିଧା କଥା କାହିଁକି ବହୁତ ଅପ୍ରିୟ ? ସିଧା ଓ ବଙ୍କା କଥାର ଦ୍ୱିତୀୟ ଅନୁଭୂତି ମୋର ଓକିଲାତି ବୃତ୍ତିରେ ମଧ୍ୟ ରହିଛି। ମୋ ପାଖକୁ ଆଇନ ପରାମର୍ଶ ପାଇଁ ଆସୁଥିବା ମହକିଲମାନଙ୍କ କ୍ଷେତ୍ରରେ ମୋର ପ୍ରଥମ ଚେଷ୍ଟା ରହେ, ସେମାନଙ୍କୁ ଅଯଥା ଖର୍ଚ୍ଚାନ୍ତ ନକରି, ଆଇନର ଜାଲରେ ଅତିଶୀଘ୍ର ଛନ୍ଦି ନଦେଇ, ପ୍ରଥମେ ପ୍ରଶାସନିକ ସ୍ତରରେ କିପରି ସମାଧାନ ବା ନ୍ୟାୟ ମିଳିପାରିବ, ସେହି ରାସ୍ତା ଖୋଜିବା। ଯଦି ସେଥିରୁ ସୁଫଳ ମିଳେ ନାହିଁ, ତେବେ ମହକିଲଙ୍କୁ ସ୍ପଷ୍ଟ ଭାବରେ ତାଙ୍କ କେସ୍‌ର ମେରିଟ୍ ଓ ଡିମେରିଟ୍ ବୁଝାଇ ଦିଆଯାଏ। ଆଗକୁ ବଢ଼ିବାର ରାସ୍ତା କ'ଣ, ସମ୍ଭାବ୍ୟ ପରିଣାମ କ'ଣ ଏବଂ କେଉଁଠି ଜିତିବାର ଚାନ୍ସ ରହିଛି, ସେସବୁ ମଧ୍ୟ କୁହାଯାଏ। କିନ୍ତୁ ଏହି ସିଧା କଥା ସବୁବେଳେ ମହକିଲଙ୍କୁ ଭଲ ଲାଗେ ନାହିଁ। କାରଣ ଅନ୍ୟପଟେ କେତେକ ଓକିଲଙ୍କ ମୁଖରୁ ଶୁଣିବାକୁ ମିଳେ, "ଏଇଟା ତ ଛୋଟ କେସ୍। ଏମିତି କେସ୍ ମୁଁ ଆଗରୁ କେତେ କରିଛି। ଅଳ୍ପ ଦିନ ଭିତରେ ନ୍ୟାୟ ମିଳିଯିବ। ଆପଣ ମୋ ଆସିଷ୍ଟାଣ୍ଟଙ୍କୁ ୨୦ହଜାର ଟଙ୍କା ଦେଇ ଯାଆନ୍ତୁ, ୧୫ ଦିନ ଭିତରେ ମୋ ଟେବୁଲ୍‌ରୁ ଅର୍ଡର ନେଇ ଚାଲିଯିବେ।" ଏହି ବଙ୍କା ଓ ତେଢ଼ା ପ୍ରତିଶ୍ରୁତି ଶୁଣିଲେ ମହକିଲଙ୍କୁ ଆଶା ଦେଖାଯାଏ। ଅନ୍ୟପଟେ ମୁଁ ଯଦି କହେ, "ଆପଣଙ୍କ କେସ୍‌ରେ ଏହି ମେରିଟ୍ ଅଛି, ଏହି ଦୁର୍ବଳତା ଅଛି; ମାମଲାର ଫଳାଫଳ ନିଶ୍ଚିତ ଭାବରେ କହିହେବ ନାହିଁ", ତେବେ ମହକିଲଙ୍କ ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ଏଠାରେ ମଧ୍ୟ ପ୍ରଶ୍ନ ସେହି ଲୋକ ବିଶ୍ୱାସ କରିବେ କାହାକୁ? ସିଧା ସତ କଥା କହୁଥିବା ଓକିଲଙ୍କୁ, ନା ନିଶ୍ଚିତ ଫଳର ଆଶ୍ୱାସନ ଦେଉଥିବା ବଙ୍କା କଥାକୁ?

ରାଜନୀତିରେ ମଧ୍ୟ ବହୁତ ବଙ୍କା ପ୍ରତିଶ୍ରୁତି ଦିଆଯାଇଥାଏ। ସିଧା ଓ ବଙ୍କା କଥାର ସବୁଠାରୁ ବଡ଼ ପରୀକ୍ଷା ବୋଧହୁଏ ରାଜନୀତିରେ ଦେଖିବାକୁ ମିଳେ। ରାଜନୈତିକ ଦଳ ଓ ସରକାରମାନେ ନିର୍ବାଚନ ସମୟରେ ଜନସାଧାରଣଙ୍କ ଆଶା, ଆବଶ୍ୟକତା ଓ ଭାବନାକୁ ଆଧାର କରି ବିଭିନ୍ନ ପ୍ରତିଶ୍ରୁତି ଦେଇଥାନ୍ତି। ନିର୍ବାଚନୀ ବୈତରଣୀ ପାର ହେବାରେ ଏହି ପ୍ରତିଶ୍ରୁତିଗୁଡ଼ିକ କେତେ ପ୍ରଭାବଶାଳୀ, ତାହା ଆମେ ପ୍ରତ୍ୟେକ ନିର୍ବାଚନରେ ଦେଖୁଛୁ। ଆମ ଓଡ଼ିଶାର ନିକଟ ଅତୀତର ନିର୍ବାଚନକୁ ଉଦାହରଣ ଭାବେ ନେଲେ 'ସୁଭଦ୍ରା' ଯୋଜନାର ପ୍ରଚାର ଆମ ସମ୍ମୁଖରେ ଆସେ। ମହିଳାମାନଙ୍କ ପାଇଁ ୫୦ହଜାର ଟଙ୍କାର ସହାୟତାର ପ୍ରତିଶ୍ରୁତି ନିର୍ବାଚନ ସମୟରେ ଏକ ବଡ଼ ଆକର୍ଷଣ ସୃଷ୍ଟି କରିଥିଲା। ପରବର୍ତ୍ତୀ ସମୟରେ ଏହି ଅର୍ଥ କିପରି ଓ କେତେ କିସ୍ତିରେ ମିଳିବ, ତାହା ଲୋକେ ବୁଝିଲେ। ଯଦି ନିର୍ବାଚନ ପୂର୍ବରୁ ସିଧାସଳଖ କୁହାଯାଇଥାନ୍ତା, "ପ୍ରତିବର୍ଷ ଆପଣଙ୍କୁ ୫ହଜାର ଟଙ୍କା ମିଳିବ", ତେବେ ହୁଏତ ଏହାର ରାଜନୈତିକ ଆକର୍ଷଣ ଏତେ ତୀବ୍ର ହୋଇନଥାନ୍ତା। ସେହିପରି '୩୦୦ ୟୁନିଟ୍ ମାଗଣା ବିଜୁଳି' ଭଳି ପ୍ରତିଶ୍ରୁତି ମଧ୍ୟ ଲୋକଙ୍କ ମନରେ ତୁରନ୍ତ ଏକ ଆଶା ସୃଷ୍ଟି କରେ। ଯଦି ସେହି କଥାକୁ ସିଧାସଳଖ ଭାବରେ ଏକ ନିର୍ଦ୍ଦିଷ୍ଟ ସବସିଡି ବ୍ୟବସ୍ଥା, ଘରୋଇ ସୋଲାର ସିଷ୍ଟମ୍ ସ୍ଥାପନ, ତାହାର ଖର୍ଚ୍ଚ ଓ ସେଥିରୁ ସମ୍ଭାବ୍ୟ ବିଦ୍ୟୁତ୍ ଉତ୍ପାଦନର ଗଣିତ ସହିତ ବୁଝାଇ ଦିଆଯାଇଥାନ୍ତା, ତେବେ ହୁଏତ ସେହି ପ୍ରତିଶ୍ରୁତିର ତୁରନ୍ତ ଆକର୍ଷଣ ଏତେ ଅଧିକ ହୋଇନଥାନ୍ତା। ଏଠାରେ ମଧ୍ୟ ଦେଖାଯାଏ, ସିଧା କଥା ତଥ୍ୟ ଦିଏ, ବଙ୍କା କଥା ଆଶା ଦିଏ। ଆଉ ନିର୍ବାଚନରେ ଅନେକ ସମୟରେ ତଥ୍ୟଠାରୁ ଆଶା ଅଧିକ ଶକ୍ତିଶାଳୀ ହୋଇଯାଏ। ତେବେ ସିଧା କହିବା, ନା ବଙ୍କା ? ଏହି ସମସ୍ତ ଉଦାହରଣକୁ ନେଇ ଶେଷରେ ପ୍ରଶ୍ନଟି ପୁଣି ସେହିଠାରେ ଆସି ଅଟକିଯାଏ, ଆମେ ସିଧା କହିବା ନା ବଙ୍କା କହିବା ? ମୋ' ମତରେ, ସିଧା କଥା ସବୁବେଳେ ଭଲ ଏବଂ ବଙ୍କା କଥା ସବୁବେଳେ ଖରାପ, ଏପରି ସରଳ ନିଷ୍କର୍ଷରେ ପହଞ୍ଚିବା ଠିକ୍ ହେବ ନାହିଁ। କାରଣ କଥା କହିବାର ଶୈଳୀ ପରିସ୍ଥିତି ଉପରେ ନିର୍ଭରଶୀଳ। କିନ୍ତୁ ଗୋଟିଏ ସୀମାରେଖା ନିଶ୍ଚିତ ରହିବା ଦରକାର। ବଙ୍କା କଥା ଯେପରି ଆଶା ସୃଷ୍ଟି କରିପାରେ, ସେହି ବଙ୍କା କଥା ମିଥ୍ୟା ଆଶ୍ୱାସନରେ ପରିଣତ ହେବା ଉଚିତ ନୁହେଁ। ବ୍ୟବସାୟରେ ଗ୍ରାହକଙ୍କୁ ଆକର୍ଷିତ କରିବା, ଆଇନ କ୍ଷେତ୍ରରେ ମହକିଲଙ୍କୁ ଆଶା ଦେବା କିମ୍ବା ରାଜନୀତିରେ ଜନସମର୍ଥନ ହାସଲ କରିବା, ସବୁଠି ଶବ୍ଦର ଶକ୍ତି ଅଛି। କିନ୍ତୁ ଶବ୍ଦ ଯେତେବେଳେ ଆଶା ଓ ବାସ୍ତବତା ମଧ୍ୟରେ ବଡ଼ ଫାଙ୍କ ସୃଷ୍ଟି କରେ, ସେତେବେଳେ ସେହି ବଙ୍କା କଥା ଆଉ କେବଳ କଥା ହୋଇ ରହେ ନାହିଁ; ତାହା ଠକାମିର ରୂପ ନେଇପାରେ। ତେଣୁ ଆପଣ ସିଧା କହିବେ ନା ବଙ୍କା କହିବେ, ତାହା ଆପଣଙ୍କ ଉପରେ ଛାଡ଼ି ଦେଉଛି। କିନ୍ତୁ ମୋର ଗୋଟିଏ ଛୋଟ ପ୍ରଶ୍ନ, ସିଧା କଥା ଶୁଣିବାକୁ ଆମେ ସତରେ ପ୍ରସ୍ତୁତ ତ ? ନା ଆମେ ମଧ୍ୟ ମନେ ମନେ ବଙ୍କା କଥାଟିକୁ ହିଁ ଅପେକ୍ଷା କରୁଛୁ ?

# ଶ୍ରୀମଦ୍ ଭାଗବତରେ ରୁଦ୍ର ଗୀତା

-: ଅର୍ଜୁନୀ ଚରଣ ବେହେରା :-

ଆମ ପୃଥିବୀ ଯାହାଙ୍କ ନାମରେ ନାମିତ ହୋଇଛି ସେ ହେଉଛନ୍ତି ପୃଥିବୀର ପ୍ରଥମ ଚକ୍ରବର୍ତ୍ତୀ ରାଜା ମହାରାଜ ପୃଥୁ। ପୃଥୁଙ୍କ ବଂଶରେ କେତେ ପୁରୁଷ ପରେ ତାଙ୍କ ଅଣନାତି ରାଜା ହେଲେ, ତାଙ୍କ ନାମ ପ୍ରାଚୀନବର୍ହି । ସେ ସାଗରଙ୍କ କନ୍ୟା ଶତଦ୍ରୁତିଙ୍କୁ ବିବାହ କରିଥିଲେ। ଶତଦ୍ରୁତିଙ୍କ ଗର୍ଭରୁ ପ୍ରଚେତା ନାମକ ପ୍ରାଚୀନବର୍ହିଙ୍କ ଦଶଜଣ ପୁତ୍ର ଜନ୍ମ ଲାଭ କଲେ। ସେମାନଙ୍କର ସମସ୍ତଙ୍କର ଗୋଟିଏ ନାମ ଥିଲା ପ୍ରଚେତସ। ସେହି ପ୍ରଚେତସ ଗଣ ସମସ୍ତେ ଥିଲେ ଧର୍ମଜ୍ଞ, ସଦାଚାରୀ ଓ ନୀତିନିଷ୍ଠ। ସମସ୍ତେ ସେମାନେ ଏକାଭଳି ଏକାତ୍ମ ହୋଇ ନିଜ ଜୀବନ ନିର୍ବାହ କରୁଥିଲେ।

ଦିନେ ପୁତ୍ର ପ୍ରଚେତସମାନଙ୍କୁ ପିତା ପ୍ରାଚୀନବର୍ହି କହିଲେ, ତୁମେମାନେ ବର୍ତ୍ତମାନ୍ ପ୍ରଜାବୃଦ୍ଧି ପାଇଁ ସନ୍ତାନ ଉତ୍ପନ୍ନ କର। ପିତାଙ୍କ ଆଜ୍ଞା ଘେନି ସେହି ପ୍ରଚେତସ ପୁତ୍ରମାନେ ତପସ୍ୟା କରିବାପାଇଁ ଘରୁ ବାହାରି ପଶ୍ଚିମ ଦିଗକୁ ଯାତ୍ରା କଲେ। ଚାଲୁ ଚାଲୁ ସେମାନେ ଯାଇ ଗୋଟିଏ ସାଗର ପ୍ରାୟ ବିଶାଳ ଏକ ରମଣୀୟ ସରୋବର ଦେଖିଲେ। ସେମାନେ ସେଠାରେ ବିଭିନ୍ନ ବାଦ୍ୟମାନଙ୍କର ମୂର୍ଚ୍ଛନା ସହ ଦିବ୍ୟ ରାଗରାଗିଣୀ ଯୁକ୍ତ ସଂଗୀତର ମଧୁର ଧ୍ୱନି ଶୁଣି ଚକିତ ହେଲେ। ସେତିକିବେଳେ ସେମାନେ ଦେଖିଲେ, ଭଗବାନ ଆଶୁତୋଷ ତାଙ୍କ ଅନୁଚରମାନଙ୍କ ସହ ସେ ସରୋବରରୁ ବାହାରି ଆସୁଛନ୍ତି। ମହାଦେବଙ୍କ ଦର୍ଶନ ପାଇ, ପ୍ରଚେତସ ମାନଙ୍କର ଆନନ୍ଦର ସୀମା ରହିଲା ନାହିଁ। ମହାଦେବଙ୍କୁ ଯାଇ ସେମାନେ ପ୍ରଣାମ କଲେ।

ମହାଦେବ ସେମାନଙ୍କୁ ଆଶୀର୍ବାଦ କରି କହିଲେ, ହେ ପ୍ରାଚୀନବର୍ହିଙ୍କ ପୁତ୍ରଗଣ ! ତୁମେମାନେ କଣ କରିବାକୁ ଚାହୁଁଛ ତାହା ମୁଁ ଜାଣେ। ତୁମମାନଙ୍କ କଲ୍ୟାଣ କରିବା ପାଇଁ, ମୁଁ ତୁମକୁ ଦର୍ଶନ ଦେଲି। ଭଗବାନ୍ ବାସୁଦେବ ହେଉଛନ୍ତି ଅବ୍ୟୟ ପ୍ରକୃତି ଏବଂ ଜୀବସଂଜ୍ଞକ ପୁରୁଷ ମାନଙ୍କର ନିୟାମକ। ଯେଉଁମାନେ ବାସୁଦେବଙ୍କର ଶରଣ ନେଇଥାନ୍ତି ସେମାନେ ମୋର ଅତ୍ୟନ୍ତ ପ୍ରିୟ। ହେ ପ୍ରଚେତସ ଗଣ ! ତୁମେମାନେ ଭଗବତ୍ ଭକ୍ତ ହୋଇଥିବାରୁ ମୋ ପକ୍ଷେ ଭଗବାନଙ୍କ ସଦୃଶ ପ୍ରିୟ। ବର୍ତ୍ତମାନ ତୁମକୁ ମୁଁ ଗୋଟିଏ ଅତ୍ୟନ୍ତ ପବିତ୍ର, ମଙ୍ଗଳମୟ, କଲ୍ୟାଣକାରୀ ସ୍ତୋତ୍ର କହୁଛି। ତୁମେମାନେ ଏହି ସ୍ତୋତ୍ରକୁ ଶୁଦ୍ଧଭାବ ଓ ନିଷ୍ଠାର ସହ ଜପ କରିବ। ଭଗବାନ୍ ତୁମର ମଙ୍ଗଳ କରିବେ।

ଏହି ସ୍ତୋତ୍ର ପୂର୍ବକାଳରେ ଜଗତ ବିସ୍ତାର କରିବା ପାଇଁ ଇଚ୍ଛୁକ ପ୍ରଜାପତି ମାନଙ୍କର ପତି ଭଗବାନ୍ ବ୍ରହ୍ମା ପ୍ରଜା ଉତ୍ପନ କରିବା ଇଛା ରଖିଥିବା ତାଙ୍କ ଭୃଗୁ ଆଦି ପୁତ୍ରମାନଙ୍କୁ ଅର୍ଥାତ୍ ଆମମାନଙ୍କୁ ଏହା ଶୁଣାଇଥିଲେ। ଆମେମାନେ ଏହି ସ୍ତୁତିଦ୍ୱାରା ନିଜ ନିଜର ଅଜ୍ଞାନ ଦୂରକରି ଅନେକ ପ୍ରକାରର ପ୍ରଜା ଉତ୍ପନ୍ନ କରିଥିଲୁ। ତୁମେମାନେ ଏହି ସ୍ତୋତ୍ର ଗାନ ପୂର୍ବକ ପ୍ରଭୂଙ୍କୁ ପ୍ରସନ୍ନ କରି ପାରିଲେ ତାଙ୍କୁ ଯାହା ମାଗିବ, ସେ ତାହା ନିଶ୍ଚୟ ପୂର୍ଣ୍ଣ କରିବେ। ତୁମେ ମାନେ ଏହି ସ୍ତୋତ୍ରକୁ ଏକାଗ୍ର ଚିତ୍ତରେ ଜପ କରି ତପସ୍ୟାକର। ତପସ୍ୟା ପୂର୍ଣ୍ଣ ହୋଇଗଲେ ତୁମେ ମାନେ ନିଶ୍ଚୟ ଅଭୀଷ୍ଟ ଫଳ ଲାଭ କରିବ। ଏପରି କହି ଭଗବାନ ଶଙ୍କର ପ୍ରଚେତସ ଗଣଙ୍କୁ ଭଗବାନଙ୍କ ଯଶ ତଥା ଗୁଣ କୀର୍ତ୍ତନ କରି ଛତିଶ ଗୋଟି ଶ୍ଳୋକ ଶୁଣାଇଲେ। ସେହି ସମସ୍ତ ଶ୍ଳୋକ ବ୍ୟାସ କୃତ ସଂସ୍କୃତ ଶ୍ରୀମଦ୍ ଭାଗବତର ଚତୁର୍ଥ ସ୍କନ୍ଧ, ଚତ୍ୱାରିଂଶ ଅଧ୍ୟାୟରେ ଲିପିବଦ୍ଧ ହୋଇଛି। ସେହି ଶ୍ଳୋକ ସମୁହ ରୁଦ୍ରଙ୍କ ମୁଖ ନିସୃତ ସ୍ତୋତ୍ର ହୋଇ ଥିବାରୁ ତାହା ରୁଦ୍ରଗୀତା ବୋଲି ପ୍ରସିଦ୍ଧ। ରୁଦ୍ରଗୀତାର ପ୍ରଥମ ଶ୍ଳୋକ ଏହିପରି:-

**ଜିତଂତ ଆତ୍ମବିତଧୂର୍ଯ୍ୟସ୍ୱସ୍ତୟେ ସ୍ୱସ୍ତିରସ୍ତୁ ମେ।**
**ଭବତାରାଧସରାଦ୍ଧମ୍ ସର୍ବସା ଆତ୍ମନେ ନମଃ ।**

ଏହି ଶ୍ଳୋକର ଭାବାର୍ଥ ଅତି ସୁନ୍ଦରଭାବେ ଆମ ଓଡ଼ିଆ ଭାଗବତକାର ଅତିବଡ଼ି ଜଗନ୍ନାଥ ଦାସ ବ୍ୟାଖ୍ୟା କରି ବୁଝାଇ ଦେଇଛନ୍ତି:-

ନିରତିଶୟ ଯେ ପରମ । ଆନନ୍ଦ ସୂକ୍ଷ୍ମ ନିରଞ୍ଜନ ॥
ସ୍ୱରୂପେ ସିଦ୍ଧ ହୁଅ ତୁମ୍ଭେ । ଏଣୁ ଆନନ୍ଦ ନାମ ଭାବେ ॥
ତୁମ୍ଭର ଯେବା ବଡ ପଣ । ଜ୍ଞାନୀଙ୍କ ଆନନ୍ଦ କାରଣ ॥
ଏଣୁ ଆନନ୍ଦ ଲାଭ ମୋର । କରୁଣା କର ଚକ୍ରଧର ॥
ତୁ ସର୍ବ ଆତ୍ମା ତୋତେ ମୋର । ନିରତେ ହେଉ ନମସ୍କାର ॥


॥। ଓଁ ରୁଦ୍ରାୟ ନମଃ ॥।

ମୋ -୭୬୯୩୦୯୧୯୭୧

**ଆପଣଙ୍କ ଅଭିଯୋଗ, ସମସ୍ୟା ଓ ମତାମତକୁ ପ୍ରମାଣ ସହ ପଠାନ୍ତୁ । ବିଶେଷ ପୃଷ୍ଠା ନିମନ୍ତେ ଲେଖା ମଧ୍ୟ ପଠାଇ ପାରିବେ ।**

ମୋବାଇଲ (ହ୍ୱାଟସ୍‌ଆପ୍) : ୯୦୯୦୨୨୫୩୫୩
ଇମେଲ: voiceofvictimsnews@gmail.com
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ


## ମଣିମା ଶୁଣିମା ହେଉ...














# ରାଜ-ରଣପୁର : କିଛି ଅନାବୃତ କଥା (୧୩)



ଚିତ୍ତରଂଜନ ଲାଲ୍ (ମୁନା)

ଆଜିର ଆଧୁନିକ ବିଦ୍ୟାଳୟ, ଶ୍ରେଣୀଗୃହ, ବ୍ଲାକବୋର୍ଡ, ସ୍ମାର୍ଟ କ୍ଲାସ୍ ଓ ଡିଜିଟାଲ ଶିକ୍ଷାର ଯୁଗରେ ଆମେ ଓଡ଼ିଶାର ପୁରାତନ ଶିକ୍ଷା ବ୍ୟବସ୍ଥାକୁ ପ୍ରାୟ ଭୁଲିଯାଇଛୁ। ଦିନେ ଗାଁର ଚାହାଳି, ଚାଟଶାଳୀ ଓ ଗୁରୁଙ୍କ ଘର ହିଁ ଥିଲା ଶିକ୍ଷାର ପ୍ରାଣକେନ୍ଦ୍ର। ଏହି ଶିକ୍ଷା ପଦ୍ଧତି କେବଳ ଅକ୍ଷରଜ୍ଞାନ ଦେଉନଥିଲା; ଏହା ଶିଶୁମାନଙ୍କ ମଧ୍ୟରେ ଶୃଙ୍ଖଳା, ନୈତିକତା, ସଂସ୍କାର ଓ ସାମାଜିକ ଦାୟିତ୍ୱବୋଧ ମଧ୍ୟ ଗଢ଼ି ତୋଳୁଥିଲା।

ଚାଟଶାଳୀ ଥିଲା ପ୍ରାଥମିକ ଶିକ୍ଷାର ଏକ ପାରମ୍ପରିକ କେନ୍ଦ୍ର। ସାଧାରଣତଃ ଗାଁର କୌଣସି ଶାନ୍ତ ସ୍ଥାନ, ଗଛମୂଳ, ଗୁରୁଙ୍କ ଘର ବା ଏକ ନୁଆଁଣିଆ ଘରେ ଚାଟଶାଳୀ ଚାଲୁଥିଲା। ଗୁରୁ ହିଁ ଥିଲେ ଶିକ୍ଷାର ମୁଖ୍ୟ ଆଧାର। ଛାତ୍ରଛାତ୍ରୀମାନେ ମାଟି ଉପରେ କିମ୍ବା ଚଟାଇ ଉପରେ ବସି ଅକ୍ଷର, ସଂଖ୍ୟା, ପାଠ, ଗଣିତ ଓ ନୀତିଶିକ୍ଷା ଶିଖୁଥିଲେ।

ପୁରାତନ ଦିନରେ 'ଚାହାଳି' ମଧ୍ୟ ଗ୍ରାମୀଣ ଶିକ୍ଷାର ଏକ ପରିଚିତ ରୂପ ଥିଲା। ଚାହାଳିର ପରିବେଶ ଥିଲା ଅତ୍ୟନ୍ତ ସରଳ ଓ ଆତ୍ମୀୟ। ଶିକ୍ଷକ ଓ ଶିଷ୍ୟଙ୍କ ମଧ୍ୟରେ ଥିଲା ଏକ ପାରିବାରିକ ସମ୍ପର୍କ। ଶିକ୍ଷା କେବଳ ପୁସ୍ତକ ମଧ୍ୟରେ ସୀମିତ ନଥିଲା; ଦୈନନ୍ଦିନ ଜୀବନର ଅନୁଭବ, ବଡ଼ମାନଙ୍କୁ ସମ୍ମାନ, ସତ୍ୟ କହିବା, ପରିଶ୍ରମ କରିବା ଓ ସମାଜ ପ୍ରତି କର୍ତ୍ତବ୍ୟବୋଧ ମଧ୍ୟ ଶିକ୍ଷାର ଅଂଶ ଥିଲା।

ସେ ସମୟରେ ଶିକ୍ଷା ପାଇଁ ଆଜିର ଭଳି ଖାତା, ପେନ୍ ଓ ଡିଜିଟାଲ ଉପକରଣ ନଥିଲା। ତାଳପତ୍ର, ମାଟିପଟା, ସିଲଟ, ଖଡ଼ିପଥର, କାଠି ଓ ଅନ୍ୟାନ୍ୟ ସରଳ ଉପକରଣରେ ପିଲାମାନେ ଲେଖାପଢ଼ା ଅଭ୍ୟାସ କରୁଥିଲେ। ପାଠକୁ ମନେ ରଖିବା ପାଇଁ ଉଚ୍ଚସ୍ୱରରେ ପଢ଼ିବା ଓ ବାରମ୍ବାର ଅଭ୍ୟାସ କରିବା, ଅର୍ଥାତ୍ 'ଘୋଷିବା', ଏହି ଶିକ୍ଷା ପଦ୍ଧତିର ଏକ ବିଶେଷତା ଥିଲା।

ଚାଟଶାଳୀର ଆଉ ଏକ ବଡ଼ ବିଶେଷତା ଥିଲା ସାମୂହିକ ଶିକ୍ଷା। ବିଭିନ୍ନ ବୟସର ପିଲାମାନେ ଏକାଠି ବସି ପଢୁଥିଲେ। ବଡ଼ ପିଲାମାନେ ଛୋଟ ପିଲାଙ୍କୁ ପାଠପଢ଼ାରେ ସାହାଯ୍ୟ କରୁଥିଲେ ଏବଂ ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ ହେଉଥିଲା। ଏହାଦ୍ୱାରା ଶିକ୍ଷା ସହିତ ସହଯୋଗ, ଭାଇଚାରା ଓ ସାମାଜିକ ସମ୍ପର୍କ ମଧ୍ୟ ଦୃଢ଼ ହେଉଥିଲା।

ସେହି ସମୟର ଶିକ୍ଷକମାନଙ୍କ ପ୍ରତି ସମାଜରେ ଥିଲା ଗଭୀର ସମ୍ମାନ। ଗୁରୁ କେବଳ ଜଣେ ଶିକ୍ଷକ ନଥିଲେ; ସେ ଥିଲେ ଜଣେ ମାର୍ଗଦର୍ଶକ। ତାଙ୍କ ନିକଟରୁ ଶିକ୍ଷା ପାଇବା ସହିତ ଶିଷ୍ୟମାନେ ଜୀବନ ଜିଇବାର ଶିକ୍ଷା ମଧ୍ୟ ପାଉଥିଲେ।

**ରଣପୁର ଗଡ଼ର ଚାହାଳିର ସ୍ମୃତି**

ମୋର ବନ୍ଧୁ, ବରିଷ୍ଠ ସାମ୍ବାଦିକ ଶ୍ରୀ ରୁଦ୍ର ପ୍ରସାଦ ଜେନା, ଅଧୁନା 'ସମ୍ବାଦ' ଖବରକାଗଜରେ କାର୍ଯ୍ୟରତ। ସେ କୁହନ୍ତି ଯେ, ତାଙ୍କ ନିଜ ଜିଲ୍ଲା କଟକ ଓ ପଡ଼ୋଶୀ କେନ୍ଦ୍ରାପଡ଼ାର କେତେକ ଗ୍ରାମୀଣ ଅଞ୍ଚଳରେ ଏବେ ମଧ୍ୟ ଚାଟଶାଳୀ ଶିକ୍ଷା ବ୍ୟବସ୍ଥାର ପରମ୍ପରା ଦେଖିବାକୁ ମିଳେ।

ଏହି କଥା ଶୁଣିବା ପରେ ମୋର ମଧ୍ୟ ରଣପୁର ଗଡ଼ର ସେହି ପୁରୁଣା ଦିନଗୁଡ଼ିକର ସ୍ମୃତି ମନେ ପଡ଼ିଯାଏ। ମୋର ଔପଚାରିକ ଶିକ୍ଷାର ଆରମ୍ଭ ମଧ୍ୟ ୧୯୭୦ ଦଶକରେ ରଣପୁର ଗଡ଼ର ଦାଣ୍ଡସାହିରେ, ଆମ ଘର ସମ୍ମୁଖରେ ଗୁରୁ ସ୍ୱର୍ଗତ ଶ୍ରୀ ଜୟକୃଷ୍ଣ ପଟ୍ଟନାୟକଙ୍କ ନିକଟରୁ ହୋଇଥିଲା। ଆମେ ସ୍ନେହରେ ତାଙ୍କୁ 'ଜୟକୃଷ୍ଣ ସା' ବୋଲି ଡାକୁଥିଲୁ।

ସେହିଭଳି ଦାଣ୍ଡସାହିରେ କାମିନା ଘର ସମ୍ମୁଖରେ, ଚଣ୍ଡେଶ୍ୱର ମହାଦେବଙ୍କ ନିକଟରେ ଥିବା ଏକ ଘରେ ଗୁରୁ ସ୍ୱର୍ଗତ ଶ୍ରୀ ଭିକ୍ଷାକାରୀ ରଥ, ଯିଏକି ସମସ୍ତଙ୍କ ପାଖରେ 'ଭିକାରୀ ସାର' ଭାବେ ପରିଚିତ ଥିଲେ, ଚାହାଳି ଚଳାଉଥିଲେ। ପରେ ସେ ଦାଣ୍ଡସାହିସ୍ଥିତ ନିଜ ଘରେ ଚାହାଳି କରି ପିଲାମାନଙ୍କୁ ପାଠ ପଢ଼ାଉଥିଲେ।

ଭିକାରୀ ସାର୍ କେବଳ ଜଣେ ଶିକ୍ଷକ ନଥିଲେ; ସେ ଜଣେ ଦକ୍ଷ ସଙ୍ଗୀତପ୍ରେମୀ ମଧ୍ୟ ଥିଲେ। ସେ ହାର୍ମୋନିଅମ୍ ଓ ମୃଦଙ୍ଗ ଅତ୍ୟନ୍ତ ଭଲ ବଜାଉଥିଲେ।

ସେହିଭଳି ରଣପୁର ଗଡ଼ର ଶାମୁକାସାହିରେ ଗୁରୁ ସ୍ୱର୍ଗତ ଶ୍ରୀଧର ମହାନ୍ତି ଓ ଗୁରୁ ସ୍ୱର୍ଗତ ଶ୍ରୀ ଭ୍ରମରବର ମହାରଣା, ଯିଏ 'ଭ୍ରମର ସାର' ଭାବେ ପରିଚିତ ଥିଲେ, ଚାହାଳି ପରମ୍ପରାକୁ ଜୀବନ୍ତ ରଖିଥିଲେ।

ପାଟରାସାହିରେ ନୂଆଗାଁରୁ ପ୍ରତ୍ୟହ ଆସି ଗୁରୁ ସ୍ୱର୍ଗତ ଅଗାଧୁ ମିଶ୍ର ପିଲାମାନଙ୍କୁ ପାଠ ପଢ଼ାଉଥିଲେ। ସେହିପରି ବଡ଼କୁଅ ସାହିରେ ଗୁରୁ ସ୍ୱର୍ଗତ ଶ୍ରୀ ମୋହନ ପଟ୍ଟନାୟକ ମଧ୍ୟ ଚାହାଳି ପରମ୍ପରାକୁ ଜାରି ରଖିଥିଲେ। ଏହି ଗୁରୁମାନେ ୧୯୭୦ ଦଶକର ଶେଷ ପର୍ଯ୍ୟନ୍ତ ରଣପୁର ଗଡ଼ରେ ଚାହାଳି ଶିକ୍ଷାର ପରମ୍ପରାକୁ ଉଜ୍ଜୀବିତ ରଖିଥିଲେ।

ଚାହାଳିକୁ ଆସୁଥିବା ସେହି ପିଲାମାନେ ସାଧାରଣତଃ ୫ରୁ ୬ ବର୍ଷ ବୟସର ଉଭୟ ପୁଅ ଓ ଝିଅ ପିଲା ଚାହାଳିକୁ ପାଠ ପଢ଼ିବାକୁ ଆସୁଥିଲେ। ପିଲାମାନେ ଦଳବଦ୍ଧ ଭାବେ ଏକାଠି ଚାଟଶାଳୀକୁ ଚାଲିଚାଲି ଆସୁଥିଲେ। ସେମାନଙ୍କ ମଧ୍ୟରୁ ଅନେକ ପିଲା ଖାଲିପାଦରେ ଆସୁଥିଲେ; ଅଳ୍ପ କିଛି ପିଲା ଚପଲ୍ ପିନ୍ଧି ଆସୁଥିଲେ। କାନ୍ଧରେ କନାବ୍ୟାଗ ଓହଳାଇ, ସେଥିରେ ନିଜର ପାଠ୍ୟ ଉପକରଣ ରଖି ସେମାନେ ଚାହାଳିକୁ ଆସୁଥିଲେ।

ଚାହାଳି ସାଧାରଣତଃ ସକାଳ ସମୟରେ ହେଉଥିଲା। ପିଲାମାନେ ସକାଳୁ ଘରେ ମିଳୁଥିବା ସରଳ ଖାଦ୍ୟ—ଚୁଡ଼ା, ମୁଢ଼ି, ଖଇ, ଭାତ କିମ୍ବା ରୁଟି ଖାଇ ଚାହାଳିକୁ ବାହାରିଯାଉଥିଲେ।

ସେ ସମୟରେ ଜୀବନ ଥିଲା ସରଳ, ସ୍ୱାଭାବିକ ଓ ଶୃଙ୍ଖଳିତ। ପିଲାମାନେ ପ୍ରତିଦିନ ଚାଲିଚାଲି ଚାହାଳିକୁ ଯିବା-ଆସିବା କରୁଥିବାରୁ ସେମାନଙ୍କର ଶାରୀରିକ ସକ୍ରିୟତା ଭଲ ରହୁଥିଲା। ପ୍ରକୃତିର ନିକଟତା, ସାଙ୍ଗମାନଙ୍କ ସହ ମିଳାମିଶା ଓ ସରଳ ଜୀବନଶୈଳୀ ସେମାନଙ୍କ ଶାରୀରିକ ଓ ମାନସିକ ସୁସ୍ଥତାରେ ମଧ୍ୟ ସହାୟକ ହେଉଥିଲା।



ସ୍ୱର୍ଗତ ଭ୍ରମରବର ମହାରଣା ( ଭ୍ରମର ସାର)

ଆଜି ଶିକ୍ଷା ବ୍ୟବସ୍ଥା ଅନେକ ଆଗକୁ ବଢ଼ିଛି। ତଥାପି ପୁରାତନ ଚାହାଳି ଓ ଚାଟଶାଳୀର ସରଳତା, ଗୁରୁ-ଶିଷ୍ୟ ସମ୍ପର୍କ, ଶୃଙ୍ଖଳା, ନୈତିକ ଶିକ୍ଷା ଓ ମାନବିକ ମୂଲ୍ୟବୋଧ ଆଜି ମଧ୍ୟ ଆମ ପାଇଁ ଅନୁକରଣୀୟ।

ଚାହାଳି ଓ ଚାଟଶାଳୀ କେବଳ ପୁରୁଣା ଶିକ୍ଷାକେନ୍ଦ୍ର ନୁହେଁ; ଏଗୁଡ଼ିକ ଓଡ଼ିଶାର ଶିକ୍ଷା, ସଂସ୍କୃତି, ପରମ୍ପରା ଓ ଗ୍ରାମୀଣ ଜୀବନର ଏକ ଅମୂଲ୍ୟ ଐତିହ୍ୟ। ରଣପୁର ଗଡ଼ର ସେହି ଚାହାଳିଗୁଡ଼ିକ ଆଜି ନଥାଇପାରେ, କିନ୍ତୁ ସେଠାରେ ଶିକ୍ଷା ପାଇଥିବା ଅନେକ ପିଢ଼ିର ସ୍ମୃତିରେ ସେହି ଗୁରୁମାନଙ୍କ ସ୍ନେହ, ଶିକ୍ଷା ଓ ସଂସ୍କାର ଆଜି ମଧ୍ୟ ଜୀବନ୍ତ।

*ବଡ଼ଦାଣ୍ଡ ସାହି, ରାଜ-ରଣପୁର*
*ମୋ : ୯୪୩୭୨ ୨୮୮୫୬*

## ଆମ ରଣପୁର ଗଡ଼ର ପୁରାତନ ଶିକ୍ଷା ବ୍ୟବସ୍ଥା — ଚାହାଳି ଓ ଚାଟଶାଳୀ




## ସୂଚନା

ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims
Multilingual Weekly

ବିଜ୍ଞାପନ ପ୍ରକାଶ ପାଇଁ କିମ୍ବା ଟ୍ରଷ୍ଟର ଆଜୀବନ ସଦସ୍ୟତା ପାଇଁ ସ୍କାନ୍ କରି ଦେୟ ରାଶି ପ୍ରଦାନ କରି ଆମକୁ ସହଯୋଗ କରନ୍ତୁ ଏବଂ ଆମ ସହ ଯୋଡି ହୁଅନ୍ତୁ।

**ସବିଶେଷ ଯୋଗାଯୋଗ :**

ମୋବାଇଲ୍ :
୯୦୯୦୨୨୫୩୫୩


**Email:**
voiceofvictim2019@gmail.com
voiceofvictimsnews@gmail.com

**Website :**
https://voiceofvictims.co.in

**E-Paper :**
voiceofvictimsepaper.in



# ଅସହାୟ ବରିଷ୍ଠ



**ବାଇଧର ଚିନ୍ଦ୍ରା**

ଜୀବନର ସାୟାହ୍ନରେ ଆବଶ୍ୟକ ଟିକିଏ ସ୍ନେହ, ସମ୍ମାନ ଓ ଆଶ୍ରୟ। ସମୟର ସ୍ରୋତ କାହା ପାଇଁ ଅଟକି ରହେନାହିଁ। ଶୈଶବ, ଯୌବନ ଓ ପ୍ରୌଢାବସ୍ଥା ଅତିକ୍ରମ କରି ଦିନେ ନା ଦିନେ ମଣିଷ ବୃଦ୍ଧାବସ୍ଥାରେ ପହଞ୍ଚେ। ଏହା ପ୍ରକୃତିର ନିୟମ। କିନ୍ତୁ ଜୀବନର ଏହି ଶେଷ ପର୍ଯ୍ୟାୟଟି ଯେତେବେଳେ ଏକାକୀତ୍ୱ, ଅବହେଳା ଓ ଅସହାୟତାରେ କଟିଯାଏ, ସେତେବେଳେ ପ୍ରଶ୍ନ ଉଠେ, ଆମେ କି ସତରେ ଏକ ସଭ୍ୟ ସମାଜ ଗଢ଼ିପାରିଛୁ ? ଯେଉଁ ବୟସରେ ମଣିଷ ନିଜ ସନ୍ତାନ ଓ ନାତିନାତୁଣୀଙ୍କ ସହ ହସଖୁସିରେ ଦିନ କାଟିବାକୁ ଚାହେଁ, ସେହି ବୟସରେ ଅନେକ ବରିଷ୍ଠ ନାଗରିକ ଆଜି ନିଜ ଘରେ ମଧ୍ୟ ଏକାକୀ। କେହି ପୁଅ-ଝିଅଙ୍କଠାରୁ ଦୂରରେ, କେହି ଜୀବନସାଥୀଙ୍କୁ ହରାଇ ଏକା, ଆଉ କେହି ଆର୍ଥିକ ଅସୁବିଧା ଓ ଶାରୀରିକ ଦୁର୍ବଳତା ମଧ୍ୟରେ ଦିନ କାଟୁଛନ୍ତି। ତାଙ୍କ ଘର ଅଛି, କିନ୍ତୁ ଘର ଭିତରେ ନିଜର ଲୋକଙ୍କ ସମୟ ନାହିଁ; ଖାଇବା ଅଛି, କିନ୍ତୁ ସାଥିରେ ବସି ଖାଇବାକୁ ଲୋକ ନାହାନ୍ତି। କଥା କହିବାର ଇଚ୍ଛା ଅଛି, କିନ୍ତୁ ଶୁଣିବାକୁ କାହାରି ସମୟ ନାହିଁ। ଏହି ଏକାକୀତ୍ୱ ବୋଧହୁଏ ବରିଷ୍ଠ ନାଗରିକଙ୍କ ସବୁଠାରୁ ବଡ଼ ଯନ୍ତ୍ରଣା। ଆଜିର ଦ୍ରୁତଗତିର ଜୀବନରେ ଆମେ ନିଜ ନିଜ କାମ, ବ୍ୟବସାୟ, ଚାକିରି ଓ ଆର୍ଥିକ ଉନ୍ନତି ପଛରେ ଦୌଡ଼ୁଛୁ। ପରିବାରର ସଦସ୍ୟମାନେ ଭିନ୍ନ ଭିନ୍ନ ସହର ଓ ଦେଶରେ ରହୁଛନ୍ତି। ଏହା ସମୟର ଆବଶ୍ୟକତା ହୋଇପାରେ, କିନ୍ତୁ ଏହି ଦୌଡ଼ ଭିତରେ ଆମେ ଆମର ବୃଦ୍ଧ ବାପା-ମାଆଙ୍କୁ କେଉଁଠି ଛାଡ଼ି ଆସୁଛୁ, ଏହି ପ୍ରଶ୍ନଟି ନିଜକୁ ପଚାରିବାର ସମୟ ଆସିଛି। ଯେଉଁ ବାପା ନିଜ ସନ୍ତାନର ଭବିଷ୍ୟତ ପାଇଁ ନିଜର ଆବଶ୍ୟକତାକୁ ଭୁଲି ଯାଇଥିଲେ, ଯେଉଁ ମାଆ ନିଜ ପିଲାର ହସ ପାଇଁ ଅନେକ ରାତି ନିଦ ନହୋଇ ଅନିଦ୍ରା କାଟିଥିଲେ, ସେମାନଙ୍କ ବୃଦ୍ଧାବସ୍ଥାରେ ଆମର କର୍ତ୍ତବ୍ୟ କେବଳ ମାସ ଶେଷରେ କିଛି ଟଙ୍କା ପଠାଇଦେବାରେ ସୀମିତ ହେବା ଉଚିତ ନୁହେଁ। ଟଙ୍କା ଜୀବନର ଆବଶ୍ୟକତା ପୂରଣ କରିପାରେ, କିନ୍ତୁ ମନର ଶୂନ୍ୟତାକୁ ପୂରଣ କରିପାରେ ନାହିଁ। ବରିଷ୍ଠ ନାଗରିକଙ୍କ ପାଇଁ ଗୋଟିଏ ଫୋନ୍ କଲ୍, କିଛି ସମୟ ପାଖରେ ବସିବା, ତାଙ୍କ କଥାକୁ ମନ ଦେଇ ଶୁଣିବା, ଏସବୁ ହୁଏତ ଆମ ପାଇଁ ଅତି ସାଧାରଣ କଥା, କିନ୍ତୁ ତାଙ୍କ ପାଇଁ ଏହା ଅମୂଲ୍ୟ। ଜୀବନର ଏହି ପର୍ଯ୍ୟାୟରେ ତାଙ୍କୁ ଆବଶ୍ୟକ ହୁଏ ନିରାପତ୍ତା ସହିତ ଆତ୍ମୀୟତା। ବରିଷ୍ଠ ନାଗରିକମାନେ ସମାଜର ବୋଝ ନୁହଁନ୍ତି। ସେମାନେ ଆମ ସମାଜର ଜୀବନ୍ତ ଇତିହାସ। ତାଙ୍କ ଅଭିଜ୍ଞତାରେ ରହିଛି ଜୀବନର ଅନେକ ଶିକ୍ଷା, ତାଙ୍କ ସ୍ମୃତିରେ ରହିଛି ଗାଁ, ପରିବାର ଓ ସମାଜର ଅନେକ ଅକୁହା କାହାଣୀ।

ଆଜିର ପିଢ଼ି ଯେଉଁ ସୁବିଧା ଉପଭୋଗ କରୁଛି, ତାହାର ପଛରେ ଏହି ପିଢ଼ିର ତ୍ୟାଗ ଓ ପରିଶ୍ରମ ରହିଛି। ତେଣୁ ସେମାନଙ୍କୁ ଅବହେଳା କରିବା ମାନେ ନିଜ ମୂଳକୁ ଭୁଲିଯିବା। ଏହି ସମସ୍ୟା କେବଳ ପରିବାରର ନୁହେଁ, ଏହା ସମଗ୍ର ସମାଜର ଦାୟିତ୍ୱ। ଗାଁ ଓ ସହରରେ ବରିଷ୍ଠ ନାଗରିକଙ୍କ ପାଇଁ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ସହାୟତା କେନ୍ଦ୍ର, ଆଇନଗତ ସଚେତନତା, ମିଳନ କାର୍ଯ୍ୟକ୍ରମ ଓ ମାନସିକ ସମର୍ଥନର ବ୍ୟବସ୍ଥା ହେବା ଆବଶ୍ୟକ। ପଡ଼ୋଶୀମାନେ ମଧ୍ୟ ନିଜ ଅଞ୍ଚଳରେ ଏକାକୀ ବୃଦ୍ଧଙ୍କ ଖବର ନେବା ଦରକାର। କେବଳ ସରକାରୀ ଯୋଜନା ଥିଲେ ହେବ ନାହିଁ; ତାହାର ସୁଫଳ ପ୍ରକୃତ ଅସହାୟଙ୍କ ପାଖରେ ପହଞ୍ଚିବା ଆବଶ୍ୟକ। ସବୁଠାରୁ ବଡ଼ କଥା ହେଉଛି, ବରିଷ୍ଠ ନାଗରିକଙ୍କୁ ଦୟା ନୁହେଁ, ଦରକାର ସମ୍ମାନ। ସେମାନଙ୍କୁ ଦୁର୍ବଳ ଭାବି ଅବହେଳା ନକରି, ତାଙ୍କ ଜୀବନ ଅଭିଜ୍ଞତାକୁ ସମ୍ମାନ ଦେବା ଆବଶ୍ୟକ। ପରିବାରର ନିଷ୍ପତ୍ତିରେ ତାଙ୍କ ମତାମତକୁ ମଧ୍ୟ ଗୁରୁତ୍ୱ ଦିଆଯିବା ଉଚିତ। ଆମେ ଭୁଲିଯିବା ଉଚିତ ନୁହେଁ, ଆଜିର ଯୁବକ ହିଁ ଆସନ୍ତାକାଲିର ବୃଦ୍ଧ। ଆଜି ଆମେ ଯେଉଁ ବ୍ୟବହାର ନିଜ ବୃଦ୍ଧଙ୍କ ସହ କରିବୁ, ଆଗାମୀ ପିଢ଼ି ମଧ୍ୟ ସେହି ମାନବୀୟ ମୂଲ୍ୟବୋଧକୁ ଅନୁସରଣ କରିବ। ବୃଦ୍ଧାବସ୍ଥା କୌଣସି ଅପରାଧ ନୁହେଁ, ଏହା ଜୀବନର ଏକ ସ୍ୱାଭାବିକ ପର୍ଯ୍ୟାୟ। ଏହି ପର୍ଯ୍ୟାୟକୁ ଯଦି ଆମେ ସ୍ନେହ, ସମ୍ମାନ ଓ ସହଯୋଗରେ ଭରିଦେଇପାରିବା, ତେବେ ଅନେକ ଅସହାୟ ଆଖିରେ ପୁଣିଥରେ ଆଶାର ଆଲୋକ ଜଳିଉଠିବ। ଗୋଟିଏ କଥା, ମନେରଖିବା ଯେଉଁ ହାତ ଦିନେ ଆମକୁ ଚାଲିବା ଶିଖାଇଥିଲା, ସେହି ହାତ ବୃଦ୍ଧାବସ୍ଥାରେ ଯେତେବେଳେ ଥରଥର କମ୍ପିବ, ସେତେବେଳେ ତାହାକୁ ଧରିବା ଆମର ମାନବିକ କର୍ତ୍ତବ୍ୟ। ଆସନ୍ତୁ, ଅସହାୟ ବରିଷ୍ଠ ନାଗରିକଙ୍କୁ କେବଳ ସହାୟତାର ଯୋଗ୍ୟ ବ୍ୟକ୍ତି ଭାବରେ ନୁହେଁ, ଆମ ସମାଜର ମୂଲ୍ୟବାନ ସମ୍ପଦ ଭାବେ ଦେଖିବା। ତାଙ୍କ ଜୀବନର ସାୟାହ୍ନକୁ ଏକାକୀତ୍ୱର ଅନ୍ଧକାରରେ ନୁହେଁ, ସ୍ନେହ ଓ ସମ୍ମାନର ଆଲୋକରେ ଭରିଦେବା। କାରଣ, ଜଣେ ବୃଦ୍ଧଙ୍କ ମୁହଁରେ ହସ ଫୁଟାଇବା କେବଳ ମାନବିକତା ନୁହେଁ, ଏହା ଆମ ସଭ୍ୟତାର ସବୁଠାରୁ ସୁନ୍ଦର ପରିଚୟ।

*ମଛାଳୋ, ଘଷିପୁରା, କେନ୍ଦୁଝର*
*ମୋ: ୭୯୭୮୧୭୧୬୭୨*

# ରାଜ୍ୟସ୍ତରୀୟ ଭାଗବତ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

**କଟକ (ଭିଓଭି) :** ଗାନ୍ଧିପଲ୍ଲୀ ସ୍ଥିତ ଯାଚକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆସନ୍ତା ସେପ୍ଟେମ୍ବର ୨୬ ତାରିଖ ଠାରୁ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ନ ?ଅ ଦିନ ବ୍ୟାପୀ ରାଜ୍ୟସ୍ତରୀୟ ଭାଗବତ ଜୟନ୍ତୀ ମହୋତ୍ସବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧିପଲ୍ଲୀ ଉନ୍ନୟନ କମିଟିର ସଭାପତି ଦୁର୍ଯ୍ୟୋଧନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି



ବୈଠକରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଉପସ୍ଥିତ ହୋଇ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଭାପତି ରବିନ୍ଦ୍ର କୁମାର ମହାରଣା, ହୃଷିକେଶ ସାହୁ, ଅଜୟ ବାରିକ, ରମେଶ ଚନ୍ଦ୍ର ମଲ୍ଲିକ, ଗୋଲେଖ ପ୍ରଧାନ, ସୁଦାମ ମହାକୁଡ଼, ଖୁଲଣା ବଳ, ସସ୍ମିତା ପ୍ରଧାନ, ପ୍ରେମଲତା ମହାକୁଡ଼ ଓ ଶିବାଜୀ ସତ୍ୟ ରଞ୍ଜନ ଷଡ଼ଙ୍ଗୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ନିଖିଳ ଉତ୍କଳ ପ୍ରବକ୍ତା ପରିଷଦ ପକ୍ଷରୁ ବରେଣ୍ୟ ପ୍ରବଚକ ପଣ୍ଡିତ ପ୍ରମୋଦ କୁମାର ପଣ୍ଡା, ଚାରଣ କାଶୀନାଥ ଦାସ, ବ୍ରହ୍ମଚାରୀ ସତ୍ୟଚୈତନ୍ୟ ଓ ପଣ୍ଡିତ ପଦ୍ମନାଭ ତ୍ରିପାଠୀ ପ୍ରମୁଖ ଏହି ମହୋତ୍ସବରେ ଯୋଗ ଦେବାକୁ ସମ୍ମତି ପ୍ରଦାନ କରିଥିବାରୁ ଭାଗବତ ପରିଷଦ ଓ ପତଞ୍ଜଳି ଯୋଗ କେନ୍ଦ୍ର ପକ୍ଷରୁ ପୂର୍ଣ୍ଣଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।



# FORESTS : THE LIVING INFRASTRUCTURE OF OUR PLANET



Nihar Ranjan Acharya

Forests are among the most extraordinary creations of nature. Stretching across continents, they support life through countless visible and invisible processes. Often described as the lungs of the Earth, forests do far more than produce oxygen. They regulate water, store carbon, protect soil, shelter biodiversity, influence climate, and sustain millions of people. In every meaningful sense, forests are the living infrastructure of our planet.

Unlike roads, bridges, and buildings, forests are not constructed from concrete or steel. Their architecture is shaped by sunlight, rainfall, soil, evolution, and time. Every tree, root, leaf, insect, bird, fungus, and microorganism contributes to a remarkable ecological network. Together, they perform essential services continuously, without machines or human supervision.

**The Architecture of Life**

A forest is much more than a collection of trees. It is a complex ecosystem in which species interact through dependence, competition, cooperation, and adaptation. The canopy captures sunlight and creates a unique environment below. Branches provide shelter for birds and mammals, while the forest floor supports insects, reptiles, fungi, and countless microorganisms.

Beneath the surface lies another world of extraordinary complexity. Tree roots absorb water and nutrients while forming partnerships with fungi. Mycorrhizal fungi can help plants obtain nutrients from the soil in exchange for carbon supplied by plants. These relationships remind us that forest health depends not only on what we see, but also on invisible processes beneath our feet.

Destroying a forest, therefore, is not simply removing trees. It is dismantling a living system.""? Forests and Climate

Forests play a vital role in regulating the Earth's climate. Through photosynthesis, trees absorb carbon dioxide and store carbon in their trunks, branches, roots, and surrounding soils. This makes forests important natural allies in addressing climate change.

Their contribution extends beyond carbon storage. Trees release water vapour through transpiration, influencing humidity and regional climate processes. Forests provide shade, cool the land, and can reduce extreme temperatures in their surroundings.

Yet forests cannot solve global warming alone. Deforestation, fires, drought, and rising temperatures can weaken their ability to absorb carbon. Protecting forests must therefore go hand in hand with reducing greenhouse gas emissions and moving away from fossil fuels.

**Guardians of Water and Soil**

Water is the foundation of civilization, and forests play a crucial role in sustaining freshwater systems. Their roots hold soil together and reduce erosion. Leaf litter improves the soil's ability to absorb and retain water. Vegetation slows rainfall, allowing more water to enter the ground in many landscapes.

When forests are cleared, rain may flow rapidly across exposed land, carrying away fertile soil and increasing the risk of floods, landslides, and sedimentation. In India, where agriculture and communities depend heavily on seasonal rainfall, the relationship between forests and water is especially important.




A forest may exist far from a city, yet its ecological services may determine the quality and availability of water reaching that city.

**Biodiversity: The Wealth We Cannot Replace**

Forests are homes to extraordinary biodiversity. Every species performs a role: pollinating flowers, dispersing seeds, recycling nutrients, controlling pests, or providing food.

Biodiversity is not simply a collection of beautiful organisms. It is the foundation of ecological resilience. When forests are fragmented or degraded, wildlife loses habitat, migration routes are disrupted, and species become increasingly vulnerable to extinction.

Protecting biodiversity requires more than planting trees. It requires conserving natural forests, maintaining wildlife corridors, restoring damaged habitats, and preserving the relationships that sustain life.

**Forests and Human Civilization**

Human civilization has always depended on forests. For thousands of years, they have provided food, medicine, fuel, fibres, timber, and livelihoods. Indigenous and forest-dependent communities possess valuable knowledge of local ecosystems and sustainable resource use.

Modern societies continue to benefit from forests through agriculture, industries, recreation, education, and scientific research. Yet development has often treated forests as obstacles rather than foundations of prosperity.

Roads, mining, agriculture, and urban expansion can destroy ecological systems whose value cannot be measured merely in timber or land prices. True development must recognize that economic progress and ecological protection are not opposing goals.

**Conservation Beyond Planting Trees**

Tree planting can be valuable, but it cannot fully replace natural forests. A plantation may contain only a few species, while a natural forest supports complex ecological relationships developed over centuries.

The most effective approach is to protect existing natural forests first, restore degraded ecosystems where appropriate, and use native species suited to local conditions. Local communities must also be partners in conservation.

**A New Relationship with Nature**

The future of forests depends on choices made by governments, businesses, communities, and citizens. Strong conservation laws, responsible industries, sustainable consumption, and environmental education are essential.

But the greatest transformation must take place in our thinking.

A forest is not empty land waiting to be developed. It is a living system performing essential work every moment—quietly, continuously, and without demanding recognition.

Forests are the living infrastructure of our planet. They protect water, regulate climate, sustain biodiversity, and support civilization itself.

When we save a forest, we do not merely save trees. We safeguard the conditions that make life possible.

The future of humanity will depend not only on what we build, but also on what we choose to protect.

Scientific Officer, Indian Climate Congress
Ph. 8249775817
E-Mail: nihar.acharya1973@gmail.com

# FROM DOUBTS TO ACQUITTAL

## When a child victim fails to identify the accused in pocso trials



SUPREET OJHA

How do we except a five-year-old child to remember the face of a person who allegedly subjected her to unimaginable violence?? Can a child's inability to identify an accused in the trial can erase the possibility that the crime ever occurred??And when an accused is acquitted because the prosecution failed to establish its identity beyond reasonable doubt, should society question the victim (Child) or the investigative process.

In the Supreme Court's recent decision in Dhanraj v State of Rajasthan, 2026 INSC 958brings these questions sharply into focus. On 7 September2026, the Hon'ble Apex Court acquitted a man who had been convicted in the case involving sexual assault of a five-year-old girl. The court found abundant deficiencies in the prosecution case particularly concerning the identification of accused. The victim had already identified the appellant in a test identification parade, but failedto identify him in the witness box. The court gave the verdict that identification made during investigation is not procedural evidence and cannot by itself replacement in court. But the question arises to the readers" does it mean that a child's genuine testimony is unreliable to convict the accused?? Certainly not!!!!!!

Indian courts have repeatedly recognised this need of sensitivity while adjudge testimony in cases related sexual offenses. In *BharwadaBhoginbhaiHirjibhai* v State of Gujarat (1983) 2 SCC 384, the Supreme Court warned against supervision of testimony of a sexual assault survivor with unnecessary suspicion. This was also reaffirmed in Prasanta Kamela v State of Odisha, CRLA No. 920 of 2024 (OrissaHC, May 22, 2026), the court emphasised that courts must interpret the testimony of a prosecution with sensitivity. This places an important responsibility on the judicial system. But the societal question of "Why should a traumatised rape victim bear all the consequences of an investigation that fails to procure reliable evidence?? This is a very circumstantial question which every citizen should ask..........

Author suggestsfor girls and children regarding awareness and safety education which are equally important than school education. Children should be taught to figure out what is inappropriate touching and refuse anyunsafe stranger to come in contact with them. Always inform parents/teachers about any uncomfortable behaviour by any stranger/relatives and ask for immediate help if some stranger exploits them through mobile phone of physically. But being the citizen of a largest democracy, including Author, readers also are familiar that these precautions can never stop the offenders from conducting such heinous crimelike Rape.

From Dhanraj case, we found many uncomfortable questions which are still remained unanswered. When a child cannot identify an accused who conducted a heinous crime to her, will the society blame the child or the investigation?? When the conviction breakdown, will we demand for stronger evidence?? And at last,when a child enters into the courtroom possessing trauma of sexual violence, is our Bar and Bench working enough to disclose the truth??

For an accused point of view, his fundamental rights should not be violated but we must also ensure that justice should be seen from both "protection of the child" and "fairness to the accused" where none of these should be sacrificed according to Indian Legal perspective. But but !!!!!!The question is not whether we choose the victim or accused, the real question is "Are we able to choose Justice?? Answer dear readers!!!!

PH NO- 7605959758




Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra** ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର